ନାରୀମୁକ୍ତି ଇସ୍ତାହାର

କୁଳମଣି ଜେନା

Digitized by PPRACHIN, SOA

ସତୀତ୍ୱ ଓ ଚରିତ୍ରବତା ଅଂଧାର ଖୋଳପା
ଯାହାତଳେ ଚାପିହୋଇ ରହିଥାଏ ଜୀବନ
ମୁକ୍ତ ପକ୍ଷୀଟିର
ଯିଏ ଚାହେଁ ଆକାଶରେ ଉଡିବୁଲିବାକୁ
ଅଂଧାର ଖୋଳପା ଭାଂଗି ମୁକ୍ତ ହେବାକୁ ।

Digitized by PPRACHIN, SOA

ନାରୀମୁକ୍ତି ଇସ୍ତାହାର

କୁଳମଣି ଜେନା

Digitized by PPRACHIN, SOA

ନାରୀମୁକ୍ତି ଇସ୍ତାହାର
କୁଳମଣି ଜେନା
ପ୍ରକାଶକ :
ବୁକ୍ ମୁଭମେଣ୍ଟ୍
୨୮୫, କଟକ ରୋଡ୍,
ଭୁବନେଶ୍ୱର-୭୫୧୦୦୬
ମୋ: ୮୦୯୩୯୩୭୭୪୮
ପ୍ରଚ୍ଛଦ :
ସୁଶୀଳ ପୁହାଣ
ମୁଦ୍ରଣ :
ବିଶ୍ୱମୁକ୍ତି ପବ୍ଲିକେଶନ, ଭୁବନେଶ୍ୱର-୨୩
ପ୍ରଥମ ସଂସ୍କରଣ :
୨୦୧୮
ମୂଲ୍ୟ : ଟ.୬୦/-

NARIMUKTI ISTAHARA
Kulamani Jena

Published by :
Book Movement
285 , Cuttack Road,
Bhubaneswar - 751006

Mob.: 8093937748

Cover Design: **Susil Pohan**

Printed at :
Vishwamukti Publication
Bhubaneswar-23

1st Edition : **2018**

Price : **Rs.60/-**

Digitized by PPRACHIN, SOA

ଉତ୍ସର୍ଗ

ମୋର ମା' ଶୁକ ଦେଈଙ୍କୁ ଯିଏ ନାରୀମୁକ୍ତି କ'ଣ ଜାଣି ନଥିଲେ; କିନ୍ତୁ ଏକ ପୁରୁଷ ପ୍ରଧାନ ସମାଜରେ ସବୁ ନାରୀଙ୍କ ଭଳି ଦୁଃଖ ଓ ଆନନ୍ଦର ଅସୀମ ସାଗରରେ ବୁଡ଼ି ସଂସାରର ସବୁ ବୋଝକୁ ବୋହି ୮ଟି ପୁଅ ଝିଅଙ୍କୁ ମଣିଷ କରିଥିଲେ ।

-କୁଳ

Digitized by PPRACHIN, SOA

Digitized by PPRACHIN, SOA

ମୁଖବଂଧ

‘ନାରୀ ମୁକ୍ତି ଇସ୍ତାହାର’ ପୁସ୍ତକ ପ୍ରକାଶନ ଅବସରରେ କହି ରଖିବାକୁ ଚାହେଁ ଯେ, ମୁଁ ଜଣେ ପୁରୁଷ ହୋଇଥିବାରୁ ନାରୀ ମୁକ୍ତି ଚିନ୍ତାଧାରାର କବିତା ରଚନା ଅବସରରେ ଯଦି କୌଣସି ପୁରୁଷ ସୁଲଭ ଦୁର୍ବଳତା ରହିଯାଇଥାଏ ସେଥିପାଇଁ ଉଭୟ ନାରୀ ଓ ପୁରୁଷ ପାଠକ ପାଠିକାଙ୍କ ପାଖରେ ମୁଁ କ୍ଷମାପ୍ରାର୍ଥୀ ।

ପୁରୁଷ ସୁଲଭ ଭାଷା ବ୍ୟବହାର ଓ ପୁରୁଷ ସୁଲଭ ଆଚରଣର ଦୁର୍ବଳତା ପୁରୁଷର ଲିଙ୍ଗଗତ ଦୁର୍ବଳତା । ସେଥିପାଇଁ ମୁଁ କବିତାରେ ଲେଖିଛି-

ଯେତେ ଭଲପାଉ ପଛେ ନାରୀକୁ ପୁରୁଷ ପୁରୁଷ
ଏହା ତା’ର ସାମାଜିକ ବ୍ୟବହାରର ଲିଂଗ ଦୋଷ ।

କିନ୍ତୁ ପୁରୁଷ ସୁଲଭ ବ୍ୟବହାରର ଦୁର୍ବଳତାରେ କେବଳ ଯେ ପୁରୁଷ ଶିକାର ହୁଏ ତାହା ନୁହଁ, ନାରୀ ବି ଏହାର ଶିକାର ହୋଇଥାଏ । ଜଣେ ନାରୀ ବି ବେଳେ ବେଳେ ପୁରୁଷ ସୁଲଭ ଆଚରଣ ପ୍ରଦର୍ଶନ କରିଥାଏ । ନାରୀର ଏହି ବ୍ୟବହାର ପାଇଁ ନାରୀ ଦାୟୀ ନୁହେଁ; ସେଥିପାଇଁ ପୁରୁଷତାଂତ୍ରିକ ସମାଜ ଦାୟୀ । ସେଥିପାଇଁ ନାରୀ ମୁକ୍ତି ଇସ୍ତାହାର କବିତାରେ ମୁଁ ଲେଖିଛି-

ଲିଂଗ ବ୍ୟବହାରର ଦୁର୍ବଳତା
ସହଜରେ ପୁରୁଷଠାରୁ ହୁଏନା ଅନ୍ତର
ବେଳେବେଳେ ନାରୀ ବି ହୁଏ ତା’ର ଶିକାର
ପୁରୁଷତଂତ୍ରର ।
ପୁରୁଷତଂତ୍ର ଏକ ଆଦିମ ଯଂତ୍ର
ଅନ୍ୟକୁ ପଦାନତ କରିବାର ଇଚ୍ଛା
ବିଚିତ୍ର ବିଜିଗୀଷା ।
ଯାହାର ଶିକାର ହୋଇ ନାରୀ

Digitized by PPRACHIN, SOA

ଭାବେ, ସେ ବି ହେବ କ୍ଷମତାର ଅଧିକାରୀ
ବହୁଦିନ ଧରିଥିଲା ପୁରୁଷ ଅଧୀନ
ଏବେ ପୁରୁଷ ହେବ ତା'ର ଅଧୀନସ୍ଥ;
ପୁରୁଷତାଂତ୍ରିକ ସଂସ୍କୃତିରେ ହୋଇ ବଶ
ନାରୀ ଦିଏ ପୁରୁଷକୁ ନିର୍ଯ୍ୟାତନା
ସେଥିପାଇଁ ସଂଭବତଃ
ନାରୀ ନିର୍ଯାତିତ ଦୁନିଆର
ଯେତକ ପୁରୁଷ
ହେବାକୁ ଚାହାଂତି ବିପତ୍ନୀକ ।

ନାରୀ ଦ୍ୱାରା ନିର୍ଯାତିତ ପୁରୁଷ ବିପତ୍ନୀକ ହେବାକୁ ଚାହେଁ ଓ ପୁରୁଷ ଦ୍ୱାରା ନିର୍ଯାତିତା ନାରୀ ପୁରୁଷ କାହିଁକି ମରିଯାଉ ନାହିଁ ବୋଲି କହେ । ଏପରି ଚାହିଁବାଟା ଉଚିତ ନୁହଁ । କିନ୍ତୁ ନିର୍ଯାତିତ ସ୍ଥିତିରେ ସେମାନେ ଏପରି କହିବାକୁ ବାଧ ହୁଅନ୍ତି ।

'ନାରୀ ମୁକ୍ତି ଇସ୍ତାହାର' କବିତାର ପ୍ରଥମ ଧାଡ଼ିରେ ଲେଖା ଯାଇଛି ।

"ସବୁ ସ୍ତ୍ରୀମାନେ ଚାହାନ୍ତୁ, ସେମାନଙ୍କ ସ୍ୱାମୀମାନେ ମରିଯାଆନ୍ତୁ । ସେମାନେ ପଛେ ବିଧବା ହୁଅନ୍ତୁ କିନ୍ତୁ ସ୍ୱାମୀ ଅଧୀନସ୍ଥ ନ ରହନ୍ତୁ ।" ଏପରିକି ଏହା ବି ଲେଖାଯାଇଛି-

ଗଛର ପ୍ରିୟବଂଧୁ ନୁହଁ ଗଛକଟାଳି
ଗଛର ପ୍ରିୟବଂଧୁ ମାଳୀ
ଗଛ ଦେଉ ଗାଳି
ମରୁ ସେ ଗଛ କଟାଳି

କିଛିବର୍ଷ ତଳେ ଏହି କବିତାଟି ଲେଖି ମୁଁ ଯେତେବେଳେ ରାଉରକେଲାରେ ଏକ କବିତା ପାଠୋତ୍ସବରେ ପାଠକଲି, ସେତେବେଳେ ମୋତେ କିଛି ନାରୀ ପାଠିକା ବିରୋଧ କଲେ । ସେମାନେ କହିଲେ ଆମ୍ଭେମାନେ କିପରି ଆମ୍ଭମାନଂକର ସ୍ୱାମୀ ମରିଯାଂତୁ ବୋଲି ଚାହିଁବୁ ।

ପ୍ରକୃତରେ କବି କ'ଣ ଚାହିଁପାରିବ ବାସ୍ତବ ସ୍ୱାମୀଟି (ରକ୍ତ ମାଂସ ଦେହଧାରୀ ପୁରୁଷଟି) ମରିଯାଉ ବୋଲି । ବାସ୍ତବରେ 'ସବୁ ସ୍ତ୍ରୀମାନେ ଚାହାଂତୁ ସେମାନଂକର ସ୍ୱାମୀମାନେ ମରିଯାଆଂତୁ' କବିତା ପଂକ୍ତିରେ ମୁଁ ବାସ୍ତବ ସ୍ୱାମୀର ମୃତ୍ୟୁ ଚାହିଁନି । ମୁଁ ଚାହିଁଛି ପୁରୁଷତାଂତ୍ରିକ ସ୍ୱାମୀ ସତ୍ତାଟିର ମୃତ୍ୟୁ । 'ସବୁ ସ୍ତ୍ରୀମାନେ ଚାହାଂତୁ ତାଂକ ସ୍ୱାମୀମାନେ

Digitized by PPRACHIN, SOA

ମରିଯାଆଂତୁ' ଏକ କାବ୍ୟିକ ବ୍ୟଂଜନା । ଏଥିରେ ପୁରୁଷର ତଥାକଥିତ ପୁରୁଷପଣିଆର ମୃତ୍ୟୁ କାମନା କରାଯାଇଛି । ସେଥିପାଇଁ ମୁଁ ଲେଖିଛି-

ସମାଜର ଅର୍ଗଳି ଭିତରେ
ସ୍ୱାମୀର ବାହୁଛାୟା ତଳେ
ନାରୀର ସ୍ଥିତି ନୁହଁକି ପରାଧୀନ ?
ପରାଧୀନତାର ଶୃଂଖଳକୁ
ନାରୀ ବଦଳାଇ ଦେଉ
ସ୍ୱାମୀ ସ୍ତ୍ରୀର ସଂପର୍କ ଭିତରେ
ସ୍ୱାମୀ ନାମକ ଶବ୍ଦଟି ଲୋପ ପାଉ
ସାମାଜିକ ବିଧାନର ଦଲିଲରୁ
ପୁରୁଷ ନାରୀର ରକ୍ଷାକର୍ତ୍ତା
ପ୍ରଭୁ ଓ ଈଶ୍ୱର
ଇତ୍ୟାଦି ଇତ୍ୟାଦି ଧାରଣା ମାନ ଦୂର ହେଉ
ନାରୀ ପଛେ ଏକୁଟିଆ ରହୁ
କିଂତୁ କାହାର ଅଧୀନସ୍ଥ ନହେଉ ।

ପୁରୁଷ ନାରୀ କେହି କାହାର ସଖ୍ୟ ଛାଡ଼ିପାରିବେନି । ବାସ୍ତବରେ ନାରୀ ପୁରୁଷର ସଖ୍ୟ ଲୋଡ଼ିଥାଏ । କିଂତୁ ପୁରୁଷର ସଖ୍ୟ କାମନା କଲାବେଳେ ସେ ଚାହେଁ ତା'ର ପୁରୁଷ ସାଥୀଟି ତା'ପ୍ରତି ମାନବୀୟ ବ୍ୟବହାର ପ୍ରଦର୍ଶନ କରୁ । ସେଥିପାଇଁ ଲେଖାଯାଇଛି-

ଏକୁଟିଆ ରହିବାକୁ ଚାହିଁବନି କୌଣସି ନାରୀ
ଯଦି ତାକୁ ମିଳେ ତା'ର ଉପଯୁକ୍ତ ସହଚରୀ
ଯିଏ ତା'ରି ପରି ଜଣେ ମଣିଷ
ନୁହଁ 'ପୁରୁଷ' ।

ଏହା ସତ୍ୟ ଯେ ପ୍ରକୃତି ଦ୍ୱାରା ଉଭୟ ନାରୀ ପୁରୁଷ ଗଢ଼ାଯାଇଛି । ଉଭୟ ପରସ୍ପରର ପରିପୂରକ । କେହି ଛୋଟ ନୁହଁ କି ବଡ଼ ନୁହଁ । କିଂତୁ ସମାଜ ପୁରୁଷକୁ ବଡ଼କରି ନାରୀକୁ ଛୋଟ କରିଛି; ଯାହା ବିରୁଦ୍ଧରେ ଆମକୁ ଲଢ଼ିବାକୁ ହେବ । ଏହି ଲଢ଼େଇରେ ପୁରୁଷ ନାରୀର ସାଥ୍ ଦେବ । ପୁରୁଷର ଏଥିରେ ଲାଭ । କାରଣ ପୁରୁଷତଂତ୍ର

Digitized by PPRACHIN, SOA

ପୁଂଜିତଂତ୍ରର ରକ୍ଷକ । ଯେଉଁ ପୁଂଜିତଂତ୍ର ନାରୀ ପୁରୁଷ ଉଭୟକୁ ଶୋଷଣ କରିଥାଏ; ପୁଂଜିପତିକୁ ବଡ଼କରି ସର୍ବହରା ବା ସମୁହକୁ ଛୋଟ ବନାଇଥାଏ । ପୁଂଜିତଂତ୍ର ବିରୁଦ୍ଧରେ ସର୍ବହରା ଓ ସମୂହର ଲଢ଼ାଇରେ ଉଭୟ ନାରୀ ଓ ପୁରୁଷ ସାମିଲ ହେବା ଅର୍ଥ ଉଭୟ ପୁରୁଷତଂତ୍ର ଓ ପୁଂଜିତଂତ୍ରର ବିଲୟ ଘଟାଇବା । ପୁରୁଷତଂତ୍ର ଓ ପୁଂଜିତଂତ୍ର ବିରୁଦ୍ଧରେ ଲଢ଼ାଇକୁ ଯେଉଁ ନାରୀ ବିରୋଧ କରିବ ସେ ନାରୀ ଉଭୟ ପୁରୁଷତଂତ୍ର ଓ ପୁଂଜିତଂତ୍ରର ସମର୍ଥକ । ଅନୁରୂପ ଭାବରେ ଯେଉଁ ପୁରୁଷ ପୁରୁଷତଂତ୍ର ଓ ପୁଂଜିତଂତ୍ର ସମର୍ଥକ ସାଜିବ ସେ ପୁରୁଷତାଂତ୍ରିକ ଓ ପୁଂଜିତାଂତ୍ରିକ ମାନସିକତାର ଶିକାର ବୋଲି ଭାବିବାକୁ ହେବ । ପୁଂଜିତଂତ୍ର ବିରୁଦ୍ଧରେ ଲଢ଼ାଇରେ ନିଜକୁ ସାମିଲ ନକରିବା ଅର୍ଥ ୯୯ ଭାଗ ଜନଗଣର ୧ ଭାଗ ବିରୋଧୀ ଲଢ଼ାଇରେ ନିଜକୁ ଏକ ଭାଗ ଲୋକଂକ ସହ ସାମିଲ କରିବା ଓ ୧ ଭାଗ ଲୋକଂକର ସମର୍ଥକ ପାଲଟିବା । ଏହା ପ୍ରକୃତି ବିରୋଧୀ ଓ ସମାଜ ବିରୋଧୀ ।

ଏକ ପୁରୁଷତାଂତ୍ରିକ ସମାଜରେ ଯେଉଁ ପୁରୁଷ, ନାରୀ ପୁରୁଷ ଏକତା ଓ ସମାନତାରେ ବିଶ୍ୱାସ କରେନା ସେ ପୁଂଜିତଂତ୍ର ଓ ପୁରୁଷତଂତ୍ରର ସମର୍ଥକ । ସେହିପରି ଯେଉଁ ନାରୀ ନାରୀ-ପୁରୁଷ ଏକତା ଓ ସମାନତାରେ ବିଶ୍ୱାସ ନକରି ପୁରୁଷତଂତ୍ର ଓ ପୁଂଜିତଂତ୍ରର ସପକ୍ଷବାଦୀ ହେବ ସେ ନାରୀ ସ୍ୱ ବିରୋଧୀତାର ଶିକାର ହେବ ବା ନାରୀମୁକ୍ତିର ବିରୋଧ କରିବ ।

ଜଣେ ନାରୀ ନାରୀମୁକ୍ତିକୁ ବିରୋଧ କରିବା ଏକ ଚେତନାଗତ ଦୁର୍ବଳତା ଅଥବା ନ୍ୟସ୍ତସ୍ୱାର୍ଥ ଓ ନିହିତ ସ୍ୱାର୍ଥ ପ୍ରେରିତ । ଗରିବ ଓ ମଧ୍ୟବିତ୍ତ ପରିବାରର ନାରୀ ନାରୀମୁକ୍ତିକୁ ବିରୋଧ କରିବାଟା ଅଧିକାଂଶ କ୍ଷେତ୍ରରେ ଏକ ଚେତନାଗତ ଦୁର୍ବଳତା । ଏହି କାରଣରୁ ସେମାନେ ଉଭୟ ପୁରୁଷତଂତ୍ର ଓ ପୁଂଜିତଂତ୍ରର ଶିକାର ବନିଯାଂତି । ଧନୀକ-ନାରୀ ପୁଂଜିତଂତ୍ରକୁ କାମରେ ଲଗାଇ ଉଭୟ ନାରୀ ପୁରୁଷର ଶ୍ରମକୁ ଶୋଷଣ କରିଥାଏ ଓ ପୁଂଜିତଂତ୍ରର ସ୍ୱାର୍ଥରେ ପୁରୁଷତଂତ୍ରକୁ ଜିଆଇ ରଖିଥାଏ ।

ଏକ ବୈଷମ୍ୟପୂର୍ଣ୍ଣ ବ୍ୟବସ୍ଥାରେ ପୁରୁଷର ତୁଳନାରେ ନାରୀ ଦୋହରା ଶୋଷଣର ଶିକାର ହୁଏ । ସମାଜ ଓ ଗୃହସ୍ଥଳୀରେ ପୁରୁଷତଂତ୍ର ଓ ଶ୍ରମ ପ୍ରକ୍ରିୟାରେ ପୁଂଜିତଂତ୍ର ଦ୍ୱାରା ନାରୀ ଶୋଷିତ ହୋଇଥାଏ । ଉଭୟ ଉତ୍ପାଦନ ଓ ପୁନଃ ଉତ୍ପାଦନ (ସଂତାନ ଜନ୍ମ ଓ ସଂତାନର ଲାଳନ ପାଳନ) ପ୍ରକ୍ରିୟାରେ ନାରୀ ଉପରେ ଶୋଷଣର ଧାରା ପ୍ରସାରିତ ହୋଇଥାଏ । ନାରୀ ଗୃହସ୍ଥଳୀରେ ବଂଧା ପଡ଼ିବାର ମୁଖ୍ୟ କାରଣ ପୁନଃ ଉତ୍ପାଦନ (Re-Production) ପ୍ରକ୍ରିୟାରେ ପୁରୁଷତଂତ୍ର ଦ୍ୱାରା ନାରୀର ଶୋଷଣ ।

Digitized by PPRACHIN, SOA

ସଂତାନ ଜନ୍ମ, ସଂତାନର ଲାଳନ ପାଳନ ଓ ଗୃହକର୍ମ ଇତ୍ୟାଦି ପାଇଁ ପୁରୁଷତଂତ୍ର ଦ୍ୱାରା ନାରୀ ଗୃହସ୍ଥଳୀରେ ଆବଦ୍ଧ ହୋଇକରି ରହେ । କର୍ମ କ୍ଷେତ୍ରରେ ନାରୀ ବୈଷମ୍ୟ (Discrimination)ର ଶିକାର ହୁଏ ଓ ଶ୍ରମ ପ୍ରକ୍ରିୟାରେ ଅଧିକ ବା ଦୋହରା ଶୋଷଣର ଶିକାର ହୁଏ । ଅର୍ଥାତ୍ ନାରୀକୁ କମ୍ ମଜୁରୀରେ ନିଯୁକ୍ତି ଦିଆଯାଇଥାଏ । ସମାଜ ପ୍ରଦତ୍ତ ପୁରୁଷାଶ୍ରୟୀ ମାନସିକତା (କବିତା, ବନିତା, ଲତାର ଭାବନା) ନାରୀକୁ ସମାଜରେ ମୁକ୍ତ ମଣିଷ ଭାବରେ ବଂଚିବା କ୍ଷେତ୍ରରେ ପ୍ରତିବଂଧକ ସୃଷ୍ଟି କରିଥାଏ । ଏହାଦ୍ୱାରା ନାରୀ ଅଂତକରଣର ଦାସତ୍ୱ (Internalised Slavery)ର ମାନସିକତାକୁ ବରଣ କରିନିଏ । ସଂଭବତଃ ପରିବାର ନାରୀ ପାଇଁ ଏକ ଓଲଟ ମୁକ୍ତିର ଇଲାକା ଭାବରେ ପ୍ରତିୟମାନ ହୁଏ । ଏହା ମନେରଖିବା ଆବଶ୍ୟକ ଯେ ସଚରାଚର ପରିବାରରେ ପୁରୁଷର ଶାସନ ଜାରି ରହେ ଓ ନାରୀ ଏହାକୁ ମାନିନିଏ । ଯେଉଁଠି ନାରୀ ପୁରୁଷର ଶାସନକୁ ବିରୋଧ କରେ ସେଠି ପରିବାର ଭାଂଗିଯାଏ ବା ନାରୀ ନିର୍ଯାତନାର ଶିକାର ହୋଇ ବଂଚିରହେ । ଏହି ପ୍ରକ୍ରିୟାରେ ବେଳେବେଳେ ନାରୀ ପୁରୁଷ ଉଭୟଂକର ସୁଖଶାଂତି ଉଜୁଡ଼ିଯାଏ ଓ ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ଏକ ବିକୃତି ଦେଖାଦିଏ । ସାଂପ୍ରତିକ ସମାଜରେ ବଧୂ ନିର୍ଯାତନା ଓ ତତ୍‌ଜନୀତ କାରଣରୁ ନିର୍ଯାତିତା ମହିଳାଂକର ଉଭୟ ପୁରୁଷ ଓ ନାରୀଂକ ବିରୁଦ୍ଧରେ ୪୯୮ଏର ପ୍ରୟୋଗ ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ବିଘଟନର ନଗ୍ନ ରୂପ । ଭାରତବର୍ଷରେ ୪୯୮ଏର ମିଛ ସତ ଉଭୟ ପ୍ରୟୋଗକୁ ଦେଖିଲେ ମନେହୁଏ ଯେ ଏ ଦେଶରେ ନାରୀ ମୁକ୍ତି ଆଂଦୋଳନ ଏନ୍.ଜି.ଓ. ଓ ସରକାରଂକର ୪୯୮ଏ ନିଦାନ ପାଖରେ ଅଟକିଯାଇଛି । ସାମାଜିକ ଓ ଆର୍ଥିକ ଭାବରେ ନାରୀକୁ ମୁକ୍ତି ଦେବାରେ ବିଫଳ ସରକାର ନାରୀକୁ ୪୯୮ଏ ନିଦାନର ଦଫାକୁ ଧରାଇ ଦେଇଛି ।

ଭାରତବର୍ଷରେ ଏକ ସଶକ୍ତ ନାରୀମୁକ୍ତି ଆଂଦୋଳନ ନାହିଁ ଏହା ଆମକୁ ସ୍ୱୀକାର କରିବାକୁ ପଡ଼ିବ । ପୁନଶ୍ଚ ଦୁଃଖର ସହିତ ଏହା ଆମକୁ ସ୍ୱୀକାର କରିବାକୁ ହେବ ଯେ ସର୍ବହରା ପୁରୁଷର ଏକାଂଶ ଓ ପରଂପରାପଂଥୀ ନାରୀମାନେ ନାରୀମୁକ୍ତି ଆଂଦୋଳନର ବିରୋଧୀ । ଏମାନେ ସାମାଜିକ ଡାରୁଉଇନ୍‌ବାଦ (Social Darwinism)ର ଶିକାର ହୋଇ ନାରୀ ପୁରୁଷର ବୈଷମ୍ୟ ପ୍ରକୃତିଦତ୍ତ ବୋଲି ମନେ କରିଥାଂତି । ସେଇ ନ୍ୟାୟରେ ନାରୀ ପୁରୁଷ ତୁଳନାରେ ଦୁର୍ବଳ ହୋଇ ରହିବାଟା ସ୍ୱାଭାବିକ ବୋଲି ମନେ କରନ୍ତି । କିଂତୁ ଏହି ଲେଖକଂକ ମତରେ ଏକ ସାମାଜିକ ପ୍ରାଣୀ ଭାବରେ ନାରୀ ସାମାଜିକ ନିୟମ କାନୁନ୍ ଓ ସାମାଜିକ ସଂପର୍କ ଜରିଆରେ ଦୁର୍ବଳ ହୋଇ ରହିଅଛି ବା ତାକୁ ଦୁର୍ବଳ କରି

Digitized by PPRACHIN, SOA

ରଖାଯାଇଛି । ସମାଜରେ ପରିବର୍ତ୍ତନ ସଂଗଠିତ କରାଯାଇ ପାରିଲେ ନାରୀ ପୁରୁଷ ସମାନ ହୋଇପାରିବେ । ପ୍ରକୃତଗତ ଭାବରେ ନାରୀ ପୁରୁଷ ତୁଳନାରେ ଦୁର୍ବଳ ହୋଇଥିଲେ ଇତିହାସରେ ନାରୀ ପ୍ରଧାନ ସମାଜର ଅସ୍ତିତ୍ୱ ନଥାଂତା । ଅଧିକଂତୁ ଶାରୀରିକ ସବଳତା ଯଦି ଶକ୍ତିର ଉତ୍ସ ହୋଇଥାଂତା ତା'ହେଲେ ପୃଥିବୀକୁ ଦୈହିକ ବଳବାନ ଲୋକ ଶାସନ କରୁଥାଂତେ ।

ନାରୀ ପୁରୁଷ ଅସମାନତା ପ୍ରକୃତିଦତ୍ତ ନୁହଁ, ସମାଜ ସୃଷ୍ଟ କହିବା ବାହୁଲ୍ୟ ।

ଅତଏବ ନାରୀକୁ ପୁରୁଷର ସମକକ୍ଷ କରି ଗଢ଼ି ତୋଳିବାକୁ ହେଲେ ନାରୀ ମୁକ୍ତି ଆଂଦୋଳନ ସଶକ୍ତ ହେବା ଆବଶ୍ୟକ । ଦେଶରେ କୋଟି କୋଟି ସଂଖ୍ୟାର ନାରୀ ଓ ପୁରୁଷ ଏହି ଆଂଦୋଳନରେ ଯୋଗଦେଇ ଉଭୟ ନାରୀ ଓ ପୁରୁଷକୁ ସାମାଜିକ ବୈଷମ୍ୟ ଓ ଶୋଷଣରୁ ଉଦ୍ଧାର କରିପାରିବେ । ନାରୀମୁକ୍ତି ସଂଗ୍ରାମ ୧ଭାଗ ବିରୋଧୀ ୯୯ଭାଗର ସଂଗ୍ରାମ ସହ ଯୁକ୍ତ ହେଲେ ତା'ର ଉପଯୁକ୍ତ ଦିଶା ପାଇପାରିବ ।

ଜଣେ ପୁରୁଷ ଭାବରେ ମୁଁ ନାରୀମୁକ୍ତି ଚିଂତାଧାରାର କବିତା ଲେଖିବା ବା ନାରୀମୁକ୍ତି ସଂଗ୍ରାମ ସପକ୍ଷରେ ଯୁକ୍ତି କରିବା ଅସ୍ୱାଭାବିକ ନୁହଁ । ଉଭୟ ନାରୀ ଓ ପୁରୁଷ ସାମାଜିକ ଭାବରେ ବୈଷମ୍ୟ ଓ ଶୋଷଣର ଶିକାର । ବୈଷମ୍ୟ ଓ ଶୋଷଣ ମଣିଷକୁ ପରାଧୀନ କରିରଖେ । ଜଣେ ପୁରୁଷ ଯଦି ସ୍ୱାଧୀନ ହେବାକୁ ଚାହେଁ ସେ କେବଳ ପୁରୁଷମାନଂକୁ ନେଇ ସ୍ୱାଧୀନତାର ଲଢ଼ାଇ କରିବନି; ପୁରୁଷ ନାରୀ ଉଭୟଂକୁ ନେଇ ସେ ଏ ଲଢ଼ାଇ ଜାରି ରଖିବ । ଜଣେ ପୁରୁଷ ନାରୀ ମୁକ୍ତି ଚିଂତାର ବିରୋଧି ହୋଇ ସାମାଜିକ ଶୋଷଣ ବୈଷମ୍ୟରୁ ମୁକ୍ତି ପାଇପାରିବନି । ସେମିତି ନାରୀ, ପରିବାର ଓ ପୁରୁଷର ବାହୁଛାୟା ତଳେ ରହି ମୁକ୍ତ ହୋଇ ପାରିବନି । ନାରୀକୁ ମୁକ୍ତ ହେବାକୁ ହେଲେ ସେ ଉତ୍ପାଦନ ଓ ପୁନଃ ଉତ୍ପାଦନ ପ୍ରକ୍ରିୟାରେ ତା' ଉପରେ ହେଉଥିବା ଶୋଷଣ ବିରୁଦ୍ଧରେ ପୁରୁଷ ସହ ମିଶିକରି ଲଢ଼ାଇ କରିବ; ଯେଉଁ ଲଢ଼ାଇ ନାରୀମୁକ୍ତି ସଂଗ୍ରାମ ସମାଜମୁକ୍ତି ସଂଗ୍ରାମ ଦିଶାରେ ପରିଚ୍ଚାଳିତ ହେବ । ଏହି ଦିଶାର ନିର୍ଦ୍ଦେଶ ନାରୀମୁକ୍ତି ଇସ୍ତାହାର କବିତାର ଶେଷପାଦରେ ନିମ୍ନୋକ୍ତ ଭାବରେ ବ୍ୟକ୍ତ ହୋଇଛି, ଯଥା-

ସମାନତାର ସେଇ ଜଗତରେ
ସଂପତ୍ତି-ବିହୀନ ସଂପର୍କର ଦୁନିଆରେ
ଗଢ଼ାଯାଇପାରେ ନୂତନ ସଂଘ
(ନାରୀ ପୁରୁଷର) ସମତା ଭିତ୍ତିକ ।

Digitized by PPRACHIN, SOA

ସମତା ଭିତ୍ତିକ ସମାଜର ନିର୍ମାଣ ପାଇଁ
ମଣିଷ ବାଛିନେଉ ନାରୀମୁକ୍ତିର ପଥ
ନାରୀ ମୁକ୍ତିର ପଥ ସମାଜ ମୁକ୍ତିର ପଥ
ନାରୀ ମୁକ୍ତିର ପଥ ମାନବ ମୁକ୍ତିର ପଥ ।

ଜୈବ ସାମାଜିକ ଭାବରେ ନାରୀ ପୁରୁଷ ସଂପର୍କ ଏକ ଆବଶ୍ୟକୀୟ ସାମାଜିକ ସଂପର୍କ ହୋଇଥିବା ହେତୁ ଭବିଷ୍ୟତ ଦୁନିଆର ନାରୀମୁକ୍ତି ମାନବ ମୁକ୍ତି ସହ ଜଡ଼ିତ ହେବ । ଏହି ମୁକ୍ତି ପ୍ରକଳ୍ପରେ ଉଭୟ ନାରୀ ପୁରୁଷ ସକ୍ରିୟ ରୂପରେ ମିଳିତ ଅଂଶ ଗ୍ରହଣ କରିବେ ।

ବିନୀତ ଲେଖକ
କୁଳମଣି ଜେନା
ମୋ:୮୦୯୩୯୩୭୭୪୮

Digitized by PPRACHIN, SOA

ସୂଚୀପତ୍ର :

୧.	ନାରୀ ମୁକ୍ତି ଇସ୍ତାହାର	୧୩
୨.	ସମ୍ପର୍କ	୨୦
୩.	ଦ୍ୱିତୀୟ ଲିଙ୍ଗ	୨୪
୪.	ଦୁଇଟି ସ୍ତବକ	୨୬
୫.	ଦେହ ପ୍ରେମ	୨୮
୬.	ରୂପଜୀବୀ ଏକ ଶ୍ରମଜୀବୀ	୩୨
୭.	ନାରୀ ଧର୍ମ	୩୪
୮.	ସରା ସମୟ ସମ୍ପର୍କ	୩୬
୯.	ନାରୀଟିଏ ଭାରତବର୍ଷର	୪୦
୧୦.	ଜୀବନକୁ ତା'ବାଟରେ ଯିବାକୁ ଦିଅ	୪୪
୧୧.	ସୃଷ୍ଟି ଅନୁପମ	୪୫
୧୨.	ନାରୀ ମୁକ୍ତି	୪୯
୧୩.	ଅର୍ଦ୍ଧନାରୀଶ୍ୱର	୫୩
୧୪.	ସତୀତ୍ୱର ମୂଲ୍ୟ	୫୫
୧୫.	ଅହଲ୍ୟା	୫୭
୧୬.	ଦ୍ରୌପଦୀ	୫୯
୧୭.	ସୀତା	୬୧
୧୮.	ସୂର୍ପଣରେଖା	୬୩
୧୯.	ପ୍ରେମର କୌଣସି ଜାତି ନାହିଁ...	୬୫
୨୦.	ମୁହଁଢ଼ଂକା	୬୭
୨୨.	ପୁରୁଷ ତନ୍ତ୍ର	୬୯
୨୩.	୪୯୮ ଏ	୭୨
୨୪.	ପ୍ରଥମ ସଂଗ୍ରାମ ପ୍ରଥମ ସୋପାନ ନାରୀମୁକ୍ତିର	୭୫
୨୫.	ବିବାହ	୭୭
୨୬.	ଆଜିର ବଳିଦତ୍ତ ଓ ସରୋଜିନୀମାନଙ୍କୁ ନେଇ	୭୯

Digitized by PPRACHIN, SOA

ନାରୀମୁକ୍ତି ଇସ୍ତାହାର

ସବୁ 'ସ୍ତ୍ରୀ'ମାନେ ଚାହାଁନ୍ତୁ
ତାଂକ 'ସ୍ୱାମୀ'ମାନେ ମରିଯାଆଂନ୍ତୁ
ସେମାନେ ପଛେ ବିଧବା ହୁଅଂନ୍ତୁ
କିଂନ୍ତୁ ସ୍ୱାମୀ ଅଧୀନସ୍ଥ ନ ରହଂନ୍ତୁ ।
ଗଛର ପ୍ରିୟବଂଧୁ ନୁହଁ ଗଛକଟାଳୀ
ଗଛର ପ୍ରିୟବଂଧୁ ମାଳୀ
ଗଛ ଦେଉ ଗାଳି
ମରୁ ସେ ଗଛ କଟାଳୀ ।
'ସ୍ୱାମୀ' ନାମକ ପଦାର୍ଥଟି
କ'ଣ
ନିହାତି ଦର୍କାର ନାରୀର ?
ସମାଜର ଅର୍ଗଳୀ ଭିତରେ
'ସ୍ୱାମୀ'ର ବାହୁଛାୟା ତଳେ
ନାରୀର ସ୍ଥିତି
ନୁହଁ କି ପରାଧୀନ ?

Digitized by PPRACHIN, SOA

ପରାଧୀନତାର ସ୍ଥିତିକୁ
ନାରୀ ବଦଳାଇ ଦେଉ;
'ସ୍ୱାମୀ'- 'ସ୍ତ୍ରୀ'ର ସଂପର୍କ ଭିତରେ
ସ୍ୱାମୀ ନାମକ ଶବ୍ଦଟି ଲୋପ-ପାଉ;
ସାମାଜିକ ବିଧାନର ଦଲିଲରୁ
ପୁରୁଷ ନାରୀର ରକ୍ଷାକ□ା, ପ୍ରଭୁ ଓ ଈଶ୍ୱର
ଇତ୍ୟାଦି ଇତ୍ୟାଦି ଧାରଣାମାନ ଦୂର ହେଉ;
ନାରୀ ପଛେ ଏକୁଟିଆ ରହୁ
କାହାର ଅଧୀନସ୍ଥ ନ ହେଉ ।
ଏକୁଟିଆ ହେବାକୁ ଚାହିଁବନି
କୌଣସି ନାରୀ
ଯଦି ତାକୁ ମିଳେ ତାର
ଉପଯୁକ୍ତ ସହଚରୀ
ଯିଏ ତାରି ପରି ଜଣେ ମଣିଷ
ନୁହଁ ପୁରୁଷ ।
ସବୁ 'ସ୍ତ୍ରୀ' ମାନେ ଚାହାଂତୁ
ତାଂକ 'ସ୍ୱାମୀ'ମାନେ ମରିଯାଆଂତୁ
ବ୍ରହ୍ମାଂଡ ହେଉ ଈଶ୍ୱର-ହୀନ
ପୃଥିବୀ 'ପୁରୁଷ' ବିହୀନ
ପୃଥିବୀର ନ ରହଂତୁ କୌଣସି ନାଥ
ରାଜ୍ୟ ପାଇଁ ରାଜା
ଅତ୍ୟାଚାରୀ ଶୋଷକ ।
'ସ୍ୱାମୀ'- ଶୂନ୍ୟ ପରିବାର
'ପୁରୁଷ'- ହୀନ ପୃଥିବୀ
ଈଶ୍ୱର-ହୀନ ବିଶ୍ୱ

Digitized by PPRACHIN, SOA

ରାଜା-ହୀନ ରାଜ୍ୟ
ନିଶ୍ଚିତ ସୁଖଦ;
ଆପାତତଃ ମୁକ୍ତ
ଆପାତତଃ ସ୍ୱାଧୀନ ।
ସେଠାରେ ନଥାଏ
ଜଣକ ଉପରେ ଅନ୍ୟ ଜଣକର
ଆଧିପତ୍ୟ
ଅଯଥା ପ୍ରଭୁତ୍ୱ
ଶାସନ ଓ ଶୃଂଖଳା ନାଆଁରେ
ରକ୍ଷକ ସାଜେ ନା ଭକ୍ଷକ;
ବଂଦ ହୁଏ ବାଘ ଛେଳି ଖେଳ
ବଦଳିଯାଏ ସଂପର୍କର ଭୂଗୋଳ ।
ଯେତେ ଭଲପାଉ ପଛେ ନାରୀକୁ
ପୁରୁଷ, 'ପୁରୁଷ' ।
ଏହା ତାର ସାମାଜିକ ବ୍ୟବହାରର
'ଲିଂଗ-ଦୋଷ ।'
'ଲିଂଗ- ବ୍ୟବହାର' ଜନୀତ ଦୁର୍ବଳତା
ସହଜରେ ପୁରୁଷଠାରୁ ହୁଏନା ଅଂତର
ବେଳେବେଳେ ନାରୀବି ହୁଏ
ତାର ଶିକାର
ପୁରୁଷ ତଂତ୍ରର ।
ପୁରୁଷତଂତ୍ର ଏକ ଆଦିମ ଯଂତ୍ର
ଅନ୍ୟକୁ ପଦାନତ କରିବାର ଇଚ୍ଛା
ବିଚିତ୍ର ବିଜିଗୀଷା;
ଯାହାର ଶିକାର ହୋଇ ନାରୀ ଭାବେ

Digitized by PPRACHIN, SOA

ସେ ବି ହେବ
କ୍ଷମତାର ଅଧିକାରୀ
ବହୁଦିନ ଧରି
ଥିଲା ପୁରୁଷ ଅଧୀନ
ଏବେ ପୁରୁଷ ହେବ ତାର ଅଧୀନସ୍ଥ;
ପୁରୁଷ-ପ୍ରଧାନ ସଂସ୍କୃତିର ହୋଇ ବଶ
ନାରୀ ଦିଏ ପୁରୁଷକୁ ନିର୍ଯାତନା
ସେଥିପାଇଁ ସମ୍ଭବତଃ
ନାରୀ ନିର୍ଯାତିତ ଦୁନିଆର
ଯେତକ ପୁରୁଷ
ହେବାକୁ ଚାହାଂତି 'ବିପତ୍ନୀକ'
ଏହାହିଁ ନାରୀ-ପୁରୁଷ ସଂପର୍କ ବୈଚିତ୍ର୍ୟ ।
ପୁରୁଷତଂତ୍ରରେ ସ୍ୱାମୀ ନୁହଁ ଏକ ଶରୀର
ତାହା ଏକ ଚେତନା
ଯାହା ଗ୍ରାସ କରେ
କେତେବେଳେ ନାରୀକୁ ତ
କେତେବେଳେ ପୁରୁଷକୁ
କୋରିଖାଏ ସମାଜକୁ ।
ପୁରୁଷତଂତ୍ର କବଳରୁ
ସମାଜର ମୁକ୍ତି ପାଇଁ
ସ୍ୱାମୀଶୂନ୍ୟ ହେବାଚାଇ ପରିବାର ।
'ସ୍ୱାମୀ' ଶୂନ୍ୟ
ହେଲେ ପରିବାର
ସଂପର୍କ ଭାଂଗିଯାଏନା
'ପୁରୁଷ' ବିହୀନ ହେଲେ ପୃଥିବୀ

Digitized by PPRACHIN, SOA

ପ୍ରେମର ନିର୍ଝର ଶୁଖେନା
ରାଜା-ବିହୀନ ହେଲେ ଦେଶ
ଈଶ୍ୱର-ବିହୀନ ହେଲେ ବିଶ୍ୱ
କିଛିବି ଅଘଟଣ ଘଟେନା ।
ଯେତେସବୁ ତଥାକଥିତ
ସେବା ଓ ସମ୍ମାନ
କୁର୍ଣ୍ଣିସ୍, ନଜରାନା
ପୂଜା-ପାଠ ବଂଦ ହୋଇଗଲେ
ବ୍ରହ୍ମାଂଡ ଇଂଚେବି ହଲେନା;
ପରିପୂର୍ଣ୍ଣ ନିସର୍ଗ ଆତ୍ମ ସମର୍ପଣ
ପୁରୁଷ ଓ ନାରୀ
କାହାପାଇଁ ନୁହଁ
ସମ୍ମାନ-ଜନକ ଅବସ୍ଥାନ ।
ଈଶ୍ୱର-ହୀନ ବିଶ୍ୱରେ
ଚଂଦ୍ର, ସୂର୍ଯ୍ୟ, ଗ୍ରହ-ତାରାଂକ ଚଳନ
ବଂଦ ହୋଇଯାଏନା
ରାଜା ମରିଗଲେ ପ୍ରଜାମାନେ
ଅନାଥ ହୁଅଂତିନି
'ସ୍ୱାମୀ' -ଶୂନ୍ୟ ହେଲେ ପରିବାର
ସଂପର୍କର ଘରେ ତାଲା ପଡେନି ।
ଈଶ୍ୱର -ହୀନ ବିଶ୍ୱ
ରାଜା-ହୀନ ଦେଶ
'ସ୍ୱାମୀ' -ଶୂନ୍ୟ ପରିବାର
'ପୁରୁଷ'-ହୀନ ପୃଥିବୀ
ଏକ ନୂତନ ସଂଯୋଗ

Digitized by PPRACHIN, SOA

ନୂଆ ସଂପର୍କର
ନୂଆ ସମୟର ।
ନୂତନ ସଂପର୍କର ନୂଆ ସମୟର
ଏହି ନୂଆ ଦୁନିଆରେ
ବିବାହ ନ କରି ବି ନାରୀ ହୋଇପାରେ
ସଂତାନର ଜନନୀ
ବାଛି ନେଇ ପାରେ
ଏକତ୍ର-ବାସ ସଂଗିନୀ (ମିତ୍ର)
କଟାଇପାରେ ଜୀବନ ଏକାକିନୀ;
ସମଲିଂଗୀ କେଉଁ ସାଥୀର ମେଳରେ
ଏକାଠି ରହିବାରେ
ସମାଜର କିଛି ବି କ୍ଷତି ଘଟିବନି ।
ଈଶ୍ୱର- ହୀନ ବିଶ୍ୱରେ
ଦିଅଁ-ଦେବତାଂକୁ ମୁଂଡିଆ ନମାରିବି
ମଣିଷ ହୋଇପାରେ ସଫଳ
ରାଜା ନଥାଇ ବି ସୁରୁଖୁରୁରେ
ଚାଲିପାରେ ଦେଶ
ଗଢା ଯାଇପାରେ
ସହଯୋଗ ଭିତ୍ତିକ ସମାଜ
ମୁକ୍ତ ଉତ୍ପାଦନକାରୀଂକ ସଂପର୍କ;
ଯେଉଁଠି
ମଣିଷ ସକାଳେ ମାଛଧରାଳୀ
ଦିବସରେ ଶ୍ରମିକ
ଅପରାହ୍ନରେ ସୀତାର ବାଦକ ।
ମୁକ୍ତ ନାରୀ ପୁରୁଷ

Digitized by PPRACHIN, SOA

ସଂପର୍କର ଦୁନିଆରେ
'ପୁରୁଷ'-ହୀନ ପୃଥିବୀରେ
ନାରୀ ନୁହଁ 'ନାରୀ'
ପୁରୁଷ ନୁହଁ 'ପୁରୁଷ'
ଉଭୟ ଅର୍ଦ୍ଧନାରୀଶ୍ୱରର
ଅଦ୍‌ଭୂତ ପ୍ରକାଶ ।
ପୃଥିବୀ ଯେଉଁଦିନ ହେବ
'ପୁରୁଷ'-ହୀନ
ସେଦିନ ନାରୀ ଓ ପୁରୁଷ
ଉଭୟ ସମାନ ।
ସମାନତାର ସେଇ ଜଗତରେ
ସଂପତ୍ତି-ବିହୀନ
ସଂପର୍କର ଦୁନିଆରେ
ଗଢାଯାଇପାରେ ନୂତନ ସଂଘ
(ନାରୀ ପୁରୁଷର)
ସମତା-ଭିତ୍ତିକ ।
ସମତା ଭିତ୍ତିକ ସମାଜର ନିର୍ମାଣ ପାଇଁ
ମଣିଷ ବାଛିନେଉ ନାରୀ ମୁକ୍ତିର ପଥ
ନାରୀ ମୁକ୍ତିର ପଥ ସମାଜ ମୁକ୍ତିର ପଥ
ନାରୀ ମୁକ୍ତିର ପଥ ମାନବ ମୁକ୍ତିର ପଥ ।
●●

Digitized by PPRACHIN, SOA

ସଂପର୍କ

ସୂତାଖିଅରେ ଜୋଡି ହୋଇଯାଏ ସଂପର୍କ
ସୂଚ୍ୟଗ୍ର ମେଦିନୀ ପାଇଁ ମଣିଷ ହୁଏ ଯୁଦ୍ଧରତ ।

'ରାମ' ଲୋକାପବାଦ ଭୟରେ
ସୀତାଂକୁ ତ୍ୟାଗକଲେ
'ସୀତା' ନିଆଁରେ ଜଳିଲେ ଓ ତରଳିଲେ
ଜଳୁଥିବା ଓ ତରଳୁଥିବା ମଣିଷଟି "ସତୀ'
'ଅଶୋକ ବନ'ରେ କ'ଣ ହେଲା ବା ନହେଲା
କିଛି ଯାଏ ଆସେନା ।
ହୋଇପାରେ ଅଶୋକ ବନରେ
କିଛି ବି ଅଘଟଣ ଘଟିଥାଇ ପାରେ
କିଂତୁ ତା'ଉପରେ ପ୍ରଶ୍ନ କରିବାର ଅଧିକାର
ନାହିଁ 'ରାମ'ଂକର
ଅଥବା 'ଆଂଦୋଳନରତ ପ୍ରଜାଗଣଂକର ।
ଶରୀରକୁ ନେଇ 'ସୀତା' ସ୍ୱାଧୀନ
ଜଣେ ଅନ୍ୟଜଣକର କ୍ଷତି ନଘଟାଇ

Digitized by PPRACHIN, SOA

ପ୍ରକୃତିର ଇଚ୍ଛାକୁ ସମ୍ମାନ ଦେଇ
ସ୍ୱାସ୍ଥ୍ୟଗତ ଜ୍ଞାନ ଥାଇ
ତାକୁ ଯେମିତି ଭାବରେ ଖର୍ଚ୍ଚ କରିପାରେ ।
ମୋ ଶରୀର ମୋର
ମୋ ଶରୀର ଉପରେ ନାହିଁ
ଅନ୍ୟ କାହାର ଏକାଧିପତ୍ୟର ଅନଧିକାର ।
ଶରୀର ମୋର କାହା ସହିତ
ଜୋଡି ହୋଇଗଲା
କାହାର ଓଠ ମୋର କପାଳକୁ ଛୁଇଁଲା
ତା'ଉପରେ ପ୍ରଶ୍ନ କରିବାର ଅଧିକାର ନାହିଁ
"ମଂଦା ମଣିଷ''ର
ସଂବିଧାନ, ପିଂଗଳ କୋର୍ଡ
ତଥାକଥିତ ବାମ ନୈତିକତା
ଦକ୍ଷିଣ ପଂଥୀ ଜୁଲୁମ
ସବୁ ବାତିଲ ।
'ରାମ' ହୋଇପାରଂତି ସ୍ୱାମୀ 'ସୀତା'ଂକର
କିଂତୁ ନୁହଂତି ସର୍ବସ୍ୱ
'ସୀତା' ନୁହଂତି ରାମ ଅଧୀନସ୍ଥ
ରାମ ଓ ସୀତା ଦୁଇଟି ପ୍ରାଣୀ
ପରସ୍ପର ଯୁକ୍ତ ଓ ମୁକ୍ତ
'ସତ୍ୟ'ରୁ 'ତ୍ରେତୟା' ତ୍ରେତୟାରୁ ଦ୍ୱାପର
'ଦ୍ୱାପର'ରୁ 'କଳି'
ଖ୍ରୀଷ୍ଟ ଜନ୍ମହେବା ପରଠାରୁ ଓ ପୂର୍ବରୁ
ଏଯାବତ୍ ।
ପିତାଂକୁ ପଚାରି କେହି କେବେ

Digitized by PPRACHIN, SOA

ପ୍ରେମ କରେନା
ରାଷ୍ଟ୍ରଦ୍ୱାରା ଲାଇସେନ୍ସ ପ୍ରାପ୍ତ ହୋଇ
ସତୀତ୍ୱର ବାନା ଉଡ଼ାଯାଏନା;
ଅନ୍ୟର ଅନୁମତି ନେଇ
ଅନ୍ୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇ
ଜଣେ ଅନ୍ୟଜଣକ ସହ
ସଂଗମ ରଚେନା ।
ବିବାହ ଏକ ବଂଧନ
ସେଠି ରହିଛି ଅଧିକାର
ଜୋଡି ହୋଇଯିବାର
ଓ ଅଲଗା ହେବାର;
ବିବାହ ପ୍ରେମ ସର୍ବତ୍ର
ଜଣେ ଅନ୍ୟ ଜଣକ ପ୍ରତି ବିଶ୍ୱସ୍ତ ରହି
ହୋଇପାରେ ମୁକ୍ତ ସଂପର୍କରତ ।
ସଂପର୍କର ଦୁନିଆରେ
ସ୍ୱାମୀ ଦାବୀ କରିପାରେନା ସତୀତ୍ୱ
ସ୍ତ୍ରୀଠାରୁ
ସ୍ତ୍ରୀ ଦାବୀ କରିପାରେନା
ଚରିତ୍ରବନ୍ତା ସ୍ୱାମୀଠାରୁ
ସତୀତ୍ୱ ଓ ଚରିତ୍ରବନ୍ତା ଅଂଡାର ଖୋଳପା
ଯାହାତଳେ ଚାପିହୋଇ ରହିଥାଏ ଜୀବନ
ମୁକ୍ତ ପକ୍ଷୀଟିର
ଯିଏ ଚାହେଁ ଆକାଶରେ ଉଡିବୁଲିବାକୁ
ଅଂଡାର ଖୋଳପା ଭାଂଗି ମୁକ୍ତ ହେବାକୁ ।
ସୂତା ଖିଅରେ ଜୋଡି ହୋଇଯାଏ ସଂପର୍କ

Digitized by PPRACHIN, SOA

ସୂଚ୍ୟଗ୍ର ମେଦିନୀ ପାଇଁ
ମଣିଷ ହୁଏ ଯୁଦ୍ଧରତ
ଭାଂଗିବା ଓ ଜୋଡିବାର ପ୍ରକ୍ରିୟା ଭିତରେ
ମଣିଷ ହୁଏ କ୍ରମଶଃ ଶକ୍ତ ଓ ମୁକ୍ତ
ମୁକ୍ତ ସଂପର୍କ
ସ୍ୱାଧୀନତା ଓ ସୃଜନଶୀଳତାର ଉତ୍ସ ।
ମଣିଷ ଯେ ସ୍ୱାଧୀନ
ତା'ର ସ୍ୱାଧୀନତା ଉପରେ
ଯଦି କେହିକରେ ହସ୍ତକ୍ଷେପ
ସେ ରାଷ୍ଟ୍ରହେଉ ପରିବାର ହେଉ
ବା ଯେକୌଣସି ବ୍ୟକ୍ତି ବିଶେଷ ହେଉ
ତାକୁ ସହିବାକୁ ହେବ
ଆଘାତ ପରେ ପ୍ରତିଘାତ ।
●●

Digitized by PPRACHIN, SOA

ଦ୍ୱିତୀୟ ଲିଙ୍ଗ

ତୋ ମଥାରେ ମିଛ ପତିବ୍ରତାର ସିନ୍ଦୁର
ତୁଚ୍ଛା ଅହମିକାର ନାଲିଗାର
ଅନାବଶ୍ୟକ ସତୀତ୍ୱର ଅହଂକାର
ତୁ ମୁଖସ୍ଥ କରିଥିଲୁ ପରଂପରାର
ପାଖଂଡ଼ି ଶ୍ଳୋକକୁ
ତୁ କାଳେ ସର୍ବଂସହା
ଅସୀମ କରୁଣାବତୀ ଧରିତ୍ରୀ, ମେଦିନୀ, ମାଆ
ସୀତା ସାବିତ୍ରୀ କେତେ କ'ଣ ।
ଏବେ ଅବଶ୍ୟ ଜିନ୍ ପିଂଧୁଥିବା ଝିଅଟି
ମଥାରୁ ପୋଛି ଦେଲାଣି ସିଂଦୁର
ସୁଂଥାରୁ ହଜିଗଲାଣି ନାଲିଗାର
ତଥାପି ବାସ୍ତବତା ଯାହା, ତାହା ହେଲା
ପୃଥିବୀଟା ଏଯାବତ୍ ପୁରୁଷମାନଂକର
ପ୍ରକୃତି ଓ ପୁରୁଷର ମିଳନରେ ସଂସାର
କିଂତୁ ଏବେ ବି ସଂସାରର ମାଲିକ
ପୁରୁଷ, ପିତା ଓ ଈଶ୍ୱର ।
ଈଶ୍ୱର ଲିଂଗଗତ ଭାବରେ ପୁରୁଷ

Digitized by PPRACHIN, SOA

ଈଶ୍ୱରୀମାନେ ଈଶ୍ୱରଂକ ଅଧୀନସ୍ଥ ।
ପୁରୁଷଂକୁ ନେଇ ଗଢ଼ା ଏ ଜଗତ
ବ୍ରହ୍ମାଂକ ନାଭିରୁ ସୃଷ୍ଟି, ବିଷ୍ଣୁଂକ ହାତରେ ଶାସନ
ଶିବଂକର ଚକ୍ଷୁର ପଲକପାତରେ ପ୍ରଳୟ
ବ୍ରାହ୍ମାଂଡ଼ ଈଶ୍ୱରମୟ ।
ସ୍ତ୍ରୀ ସ୍ୱାମୀର ଅଧୀନ
ଭଗିନୀ ଉପରେ ଭାଇର ଶାସନ
କନ୍ୟା ଅବଳା ସମାନ
ପୁଅ ମା' ପାଖରେ ସଦା ଶକ୍ତିମାନ;
ଏବେ ବି ନାରୀର ରୋଷାଇ ଘରେ ସ୍ଥାନ
ଶିଶୁର ଲାଳନ ପାଳନ ସଜା ସଜି,
ସଫା ସୁତୁରା ବାସନ କୁସନ, ରଂଧାବଢ଼ା
ଏବେ ବି ଏଗୁଂଡ଼ିବଂଧ ଘରିପଟେ
ଘୈକାଠରେ ଚିରକାଳ ନାରୀର ସ୍ଥାନ;
ଶାସ୍ତ୍ରାନୁସାରେ
ନାରୀକାଳେ ଚିରକାଳ ପୁରୁଷର ଅଧୀନ ।
ପୁରୁଷର ଦୃଷ୍ଟିରେ ନାରୀର ଅଛି ଓଠ, ସେ ହସିବ
ଜରାୟୁ, ସେ ସଂତାନ ଜନ୍ମ ଦେବ
ଲିଂଗ, ଯାହା ପୁରୁଷ ମନରେ ସ୍ନାୟୁ ସୁଖର ସଂଚର ଆଣିବ
ଆଖି, ଯାହା ମଧ୍ୟରୁ ପ୍ରେମ, ବିରହ, ଦୁଃଖ ଓ
କରୁଣାର ଅଶ୍ରୁ ଗଂଗୋତ୍ରୀ ଧାରା ହୋଇ ବହିଯାଉଥିବ ।
ହାୟ ନାରୀ କେତେଦିନ ନାରୀ ହୋଇ କରିଥିବ
କେବେ ସେ ନିଜ ହାତରେ ଅର୍ଦ୍ଧନାରୀଶ୍ୱରର ଜଗତଟିଏ ଗଢ଼ିବ ?
ଯେଉଁଠି ସେ ହେବ ପୁରୁଷ ସହ ସମାନ ।
●●

Digitized by PPRACHIN, SOA

ଦୁଇଟି ସ୍ତବକ

ଦେହପ୍ରେମ :

ପ୍ରେମ ଭିକ୍ଷା ଅନ୍ୟାୟ ଓ ଦେହଭିକ୍ଷା
ଅଧିକ ଅନ୍ୟାୟ
ପାପବୋଧ ନିପୀଡ଼ିତ ପଚମାନ
ସଂସ୍କୃତିର ରାୟ, ଅତ୍ୟଂତ ପୁରୁଣା
ଭାରତୀୟ ସଂସ୍କୃତିର
ମିଛ ନୈତିକତାବୋଧ
କାହାକୁ ବା 'ଅଟଇ ଅଜଣା' ।
ଦେହ ଥିଲେ ପ୍ରେମ ଅଛି
ପ୍ରେମ ଥିଲେ ଦେହର ମିଳନ
ପାପ ନୁହଁ ପାପଚିଂତା ମାନବର
ଓଲଟ ଚିଂତନ
ଯୌନ ନିପୀଡ଼ନ ।

Digitized by PPRACHIN, SOA

ଶରୀର ସ୍ୱାଧୀନ :

ଦେହ ଦେଇଦେଲେ
ଦେହ ହୁଏନାହିଁ ପର,
ମନ ଦେଇଦେଲେ
ମନ ହୁଏନାହିଁ କର ।
ଦେହ ଦାନ କରି
ଦେହକୁ ଶୁଦ୍ଧ କର,
ମନ ଦେଇଦେଲେ
ମନ ବିଶୁଦ୍ଧତର ।
ପୁରୋହିତ ହାତୁ
ମୁକ୍ତ ହେଉ ଦେହ ମନ,
ରଦ୍ଦ ହେବ ଦିନେ
ଶରୀର ଉପରୁ ରାଷ୍ଟ୍ରର ନିୟଂତ୍ରଣ ।

●●

Digitized by PPRACHIN, SOA

ଦେହ ପ୍ରେମ

ଦେହ ଅଛି ତ ପ୍ରେମ ଅଛି
ଦେହ ନାହିଁ ତ ପ୍ରେମ ନାହିଁ
ଦେହ ଦୁନିଆରେ
ଦେହାତୀତ ପ୍ରେମ ବୋଲି
କିଛି ନାହିଁ ।
ଦେହ ସୁଖ ଦେହ ଭୋକ ହିଁ
ପ୍ରେମର ମୂଳ ଭିତ୍ତି;

ଅତୀଂଦ୍ରିୟ ପ୍ରେମ
ଇଂଦ୍ରିୟର ଓଲଟ ସଂକ୍ରମଣ ।

ବ୍ରହ୍ମଚର୍ଯ୍ୟ ଏକ ଭାବାଦର୍ଶବାଦୀ ଭାବନା
ଶରୀରକୁ କଷ୍ଟ ଦେଇ
ଆନଂଦ ପ୍ରାପ୍ତିର ପ୍ରୟାସ ।
ମଣିଷ ବେଳେ ବେଳେ

Digitized by PPRACHIN, SOA

ପ୍ରେମଠାରୁ ପଳାୟନ କରେ
ବେଳେବେଳେ ବିଶୁଦ୍ଧ-ପ୍ରେମର ସଂଧାନରେ
ହୁଏ ପଥଭ୍ରଷ୍ଟ;
ଆତ୍ମା, ପରମାତ୍ମା, ମୋକ୍ଷର ସଂଧାନରେ
ଜୈବ ଆକାଂକ୍ଷା ଋଷ୍ଟ ।
ଦେହକୁ ଛାଡି ସଂସାରରେ କିଛି ନାହିଁ;
ନଶ୍ୱର-ପ୍ରାଣର ଅସ୍ତିତ୍ୱ
ମୃତ୍ୟୁ ପରେ ପଂଚଭୂତ ।

ପ୍ରେମ ଓ ଦେହ ପରସ୍ପର ଜଡିତ
ମାଟିଜ ସତ୍ତାର ପ୍ରାଣୀଙ୍କ ଆକାଂକ୍ଷା
ଲୋଡେ ରମଣ
'ଚେରିଗଛ ପାଇଁ ବସଂତାଗମର
ପରାଗ ସଂଗମ ।'
ପ୍ରେମ ଏକ ଦେହଜ ସୁଖ କ୍ରୀଡା
ମଣିଷ ମଲା ଅର୍ଥ ତା'ର
ପ୍ରେମର ଅଂତ ହେଲା ।

ଦୁନିଆରେ କେହି ନୁହଁ ବ୍ରହ୍ମଚାରୀ
ଅଥବା କୁମାରୀ
କାୟା କଷ୍ଟରୁ ମୁକୁଳିବାକୁ
କିଏ ବା ନ ଚାହେଁ ।

ମନ ସହିତ ମନର ମିଳନ ନୁହଁ ଯଥେଷ୍ଟ
ସେଥିପାଇଁ ଆବଶ୍ୟକ ହୁଏ ଯୌନକ୍ରୀଡା

Digitized by PPRACHIN, SOA

"ଈଶ୍ୱର ଓ ଈଶ୍ୱରୀଂ"କ କ୍ଷେତ୍ରରେ
ଯାହା ଦିବ୍ୟଲୀଳା ।
ଦେହ ବିନା ଦେହାତୀତ
ପ୍ରେମର ଅର୍ଥ କ୍ଳୀବତ୍ୱ
ମିଛ ଆଦର୍ଶର ମଦମତ୍ତ ଦାସତ୍ୱ ।
ଦେହଥିଲେ ପ୍ରେମ ଅଛି
ଦେହ ନାହିଁ ତ ପ୍ରେମନାହିଁ
ପ୍ରେମ ମଧ୍ୟ ଦେଇ
ଦେହଙ୍କ ଇଚ୍ଛାର ପୂର୍ତ୍ତି
ମଣିଷ ପାଇଁ ଚରମ ସୁଖ
ଚରମ ଆନଂଦ ।
ଦୁଇଟି ପ୍ରାଣୀ ପରସ୍ପର ଭଲପାଇବାର
ମଝିରେ ଅଛି
ମନ ଓ ଶରୀର
ଯାହା ସ୍ୱାସ୍ଥ୍ୟ ସୁଖର ଗଂତାଘର ।

ଦୁଇଟି ସତ୍ତା ହୋଇପାରଂତି ସେମାନେ
କଳ୍ପନାର ଈଶ୍ୱର-ଈଶ୍ୱରୀ
ଅଥବା ନର-ନାରୀ
ନରମ ଓଠ, ବିଶାଳ ବାହୁ, ଉନ୍ନତ ବକ୍ଷୋଜ
ପ୍ରଶସ୍ତ ଛାତି
ସବୁ ମଧ୍ୟରେ ଯୋଡି ହୋଇଯିବା ଓ
ଜଡାଇ ଧରିବାର
ଆକାଂକ୍ଷା ହିଁ ସାର ।

Digitized by PPRACHIN, SOA

ଏକାଂତରେ କେହି ଜଣେ
ମୋତେ ଭଲପାଉ
ମୋର ଯତ୍ନ ନେଉ
ନିରୋଳା ମୁହୂର୍ତ୍ତରେ ମୋତେ
ଚୁମା ଦେଉ
ଛାତିରେ ଛାତି ମିଶାଇ
ମୋ ସହିତ ଏକାକାର ହେଉ
କିଏବା ନଚାହେଁ !
ଇଂନ୍ଦ୍ରୀୟଗ ବିଶ୍ୱରେ
ଇଂନ୍ଦ୍ରୀୟୋତ୍ତର ବୋଲି କିଛି ନାହିଁ
ଦେହର ଦୁନିଆରେ ଦେହ ହିଁ
ଏକମାତ୍ର ସତ୍ୟ;
ପ୍ରେମ ଏକ ଉତ୍ତରଣ-ଧର୍ମୀ ଆକାଂକ୍ଷା
ଦେହର ।
ଦେହ ଓ ପ୍ରେମ ମଧ୍ୟ ଦେଇ ରମଣ
ବ୍ୟକ୍ତି ସତ୍ତାର ଉନ୍ମୀଳନ
ସାମାଜିକ ସତ୍ତାର ବିବର୍ତ୍ତନ ।
●●

Digitized by PPRACHIN, SOA

ରୂପଜୀବୀ ଏକ ଶ୍ରମଜୀବୀ

ପୁଂଜିତଂତ୍ର ନୁହଁ ଯେହେତୁ ମୁକ୍ତ ନର-ନାରୀର ପୃଥିବୀ
ପୁଂଜିତଂତ୍ରରେ ରୂପଜୀବୀ ଏକ ଶ୍ରମଜୀବୀ
ରୂପଜୀବୀର ଆନଂଦ ଉତ୍ପାଦନ
ନାରୀ ପୁରୁଷ ସଂପର୍କକୁ ନେଇ
ଏକ ସୃଜନଶୀଳ ଶ୍ରମ ।
ରୂପଜୀବୀକାକୁ ଯେଉଁମାନେ କରଂତି ଘୃଣା
ସେମାନେ ହେବେ ଅମଣିଷରେ ଗଣା ।
ରୂପଜୀବୀର ଜୀବିକା 'ଆଇନ ସଂଗତ' ନହେଲେ ବି
ଏହା ଏକ ପେଶା
ବଂଚିବାର ଅନ୍ୟନାମ
ଜୀବନ ସଂଗ୍ରାମ ।
ରୂପଜୀବିକାକୁ ନେଇ ନହେଉ ନୈତିକତାର ଅଂକକଷା
ରୂପଜୀବୀର ପେଷାକୁ ମିଳୁ ତା'ର
ସାମାଜିକ ସ୍ୱୀକୃତି
ମିଳୁ ତାକୁ ନ୍ୟାୟିକ ଅଧିକାର
ପ୍ରଦାନକରୁ ଦେଶର ସରକାର/ରୂପଜୀବୀକୁ ରୂପଜୀବିକାର ଅଧିକାର ।
ଗୃହସ୍ଥଳୀରେ ଗୃହବଧୂର ରଂଧନ
ଗୃହର ଯତ୍ନ, ସଂତାନର ଲାଳନ ପାଳନ

Digitized by PPRACHIN, SOA

ସବୁକିଛି ଶ୍ରମର ରୂପାଂତର ।
ଶ୍ରମ ପୁଂଜିର ଦୁନିଆରେ
ଗୃହବଧୂ ଓ ରୂପଜୀବୀ ବି ଶ୍ରମିକ
ସେମାନଂକ ପାଇଁ ମଧ୍ୟ ସେଇ ଏକଇ ସ୍ଲୋଗାନ
"ଦୁନିଆର ମଜ୍‌ଦୁର ହୁଅ ଏକ ।"
ଶ୍ରେଣୀ ସଂଘର୍ଷର ଦୁନିଆରେ
ରୂପଜୀବୀର ଆନଂଦ ପ୍ରଦାନ ଜୀବିକାରେ
ଯେଉଁମାନେ କରଂତି ହସ୍ତକ୍ଷେପ
ସେମାନଂକୁ ବିରୋଧ କରାଯାଉ/ରୂପଜୀବୀ ସଂଗଠିତ ହେଉ
ତା'ର ସଂଗ୍ରାମ ଜାରି ରହୁ
ରୂପଜୀବୀକୁ ମିଳୁ ତା'ର ଅଧିକାର
ସ୍ୱାଧୀନ ଭାବରେ ବଂଚିବାର ।
ଯେଉଁ ସରକାର ବେକାରକୁ ଯୋଗାଇ ଦିଏନା କାମ
ଗୃହବଧୂକୁ, ରୂପଜୀବୀକୁ ଦିଏନା ଶ୍ରମିକର ନାମ
ସେ ସରକାର ନିକ୍‌ମା ସର୍ଦ୍ଦାର, ନୈତିକତାର ଗୁପ୍ତଚର
ସାମଂତବାଦ ସହ ସମଝୋତା କରୁଥିବା
ପୁଂଜିବାଦର ଠିକାଦାର ।
ନୈତିକ ପୁଲିସ୍‌ଂକ କଥା ନ କହିଲେ ଭଲ
ସେମାନେ କୋର୍ଟ ପରିସରରେ ଖାଉଛଂତି ରୂପଜୀବୀଙ୍କଠାରୁ
ଅଂଡ଼ାମାଡ଼ ।
ପୁଲିସ୍, ଟ୍ରାଫିକର ଓ ମଧ୍ୟସ୍ଥଂକ ଶୋଷଣ
ରୂପଜୀବୀର ନିତିଦିନିଆ ସଂଗ୍ରାମ
ସମସ୍ତ ନିର୍ଯାତନା ସତ୍ତ୍ୱେ ରୂପଜୀବୀ ଏକ ସ୍ୱାଧୀନ ନାରୀ
ରୂପଜୀବୀର ସ୍ୱାଧୀନତାରେ ହସ୍ତକ୍ଷେପ କରନା
ଏ ଦେଶର ସ୍ୱାଧୀନତାର ଅପହରଣକାରୀ ।
● ●

Digitized by PPRACHIN, SOA

ନାରୀଧର୍ମ

ହିଂଦୁ, ମୁସଲମାନ... ଖ୍ରୀଷ୍ଟିଆନ...
ଏତେଗୁଡ଼ାଏ ଧର୍ମ ପରେ
ପୁଣି ନାରୀଧର୍ମ ଗୋଟାଏ କ'ଣ ?
ନାରୀଧର୍ମରେ ଦୀକ୍ଷିତ ହୋଇ ନାରୀ
ପୁରୁଷର ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବାଟାକୁ
ପାରିବ ତ ନାରୀଧର୍ମ ଭାବରେ ଗ୍ରହଣ କରି
ନା ନାରୀଧର୍ମର ଆଢୁଆଳରେ ପୁରୁଷ
ନାରୀକୁ ରଖିବ ଅଧୀନସ୍ତ କରି ?
ନାରୀଧର୍ମରେ ଦୀକ୍ଷିତ ହୋଇ ନାରୀ
କେଉଁ ମୁକ୍ତି ଓ 'ମୋକ୍ଷ' ପ୍ରାପ୍ତ ହେବ ?
ସକଳ ପ୍ରକାର ମୁକ୍ତି ଓ 'ମୋକ୍ଷ'ର ଅଧିକାରୀ ତ
ପୁରୁଷ ।
ନିର୍ଯାତନା ମାଧମରେ ନାରୀକୁ ପୁରୁଷ
କରିଥାଏ ବଶ
ନିର୍ଯାତନାକୁ ସହ୍ୟ କରିବା
ନାରୀଧର୍ମ ବୋଲି ଚିତ୍ରିତ କରାଯାଏ
ନାରୀ ହୁଏ ପୁରୁଷ ପ୍ରେରିତ ନାରୀଧର୍ମରେ ଅଧୀନସ୍ତ ।
ଲଳନା, ଦୁର୍ବଳା, ଅବଳା କେତେକ'ଣ ଶୃଂଖଳା
ଲଦି ଦିଆଯାଏ ନାରୀ ଉପରେ
ନାରୀଧର୍ମରେ ଦୀକ୍ଷିତ ହୋଇ ନାରୀ

Digitized by PPRACHIN, SOA

ପୁରୁଷର ସେବା କରେ
ତା'ର କଥାମାନେ
ବଦଳରେ ନାରୀକୁ ମିଳେ ସୁନା ଓ ସଂତାନ
ଉପକଥାର ନାୟିକାକୁ ଦିଏ ପୁରୁଷ ସମ୍ମାନ
ଅଧୀନସ୍ତ ହୋଇ ରହିବାର ପୁରସ୍କାର
ଦୟା ଆଉ ସ୍ନେହର ନିର୍ବାଣ ।
ଉଚ୍ଚକିତ ହୁଏ ନାରୀ
ନାରୀ ଧର୍ମ ନିଭାଇ ପାରିଥିବାରୁ
ବଳକା ସହିଷ୍ଣୁତାର ଅଧିକାରୀ
ପାଲଟିଯାଏ ଉଦାହରଣ
ଲେଖାହୁଏ ସୀତା ସାବିତ୍ରୀର
ଉପାଖ୍ୟାନ
ଯିଏ ଏହାର ବ୍ୟତିକ୍ରମ
ତା'ର ନାମ ରଖାଯାଏ ସୂର୍ପଣଖା,
ତାଡ଼କା ।
ଅସଲରେ ନାରୀଧର୍ମଟି କ'ଣ
ସହିଷ୍ଣୁତା ଓ କର୍ତ୍ତବ୍ୟନିଷ୍ଠା ନାଁ'ରେ
ପୁରୁଷର ଆରାଧନା
ଓ ସହିବାକୁ ସମାଜ ଓ ପୁରୁଷର
ବିବିଧ ଯଂତ୍ରଣା ।
ଅତୀତର ନାରୀଧର୍ମର ଏହି ପୋଥି ବ୍ୟାଖ୍ୟାକୁ
କ'ଣ ମାନିନେବ ନାରୀ
ନା ନୂତନ ପୃଥିବୀରେ ନୂତନ କାଳଖଂଡ଼ରେ
ନାରୀ ହେବ ନାରୀ ମୁକ୍ତି ଚିଂତାର ଅଧିକାରୀ
ନାରୀ ହେବ ନାରୀ (ମାନବ)
ନାରୀଧର୍ମର ନୂତନ ବ୍ୟାଖ୍ୟା ଓ ପ୍ରୟୋଗକାରୀ ।
●●

Digitized by PPRACHIN, SOA

ସତ୍ତା ସମୟ ସଂପର୍କ

ମୁଁ ତୁମକୁ ଚିହ୍ନିବା ପୂର୍ବରୁ
ଯେ ସଂପର୍କ ସୃଷ୍ଟି ହେଲା ତୁମ ସହ
ସେ ସଂପର୍କ ମଧ୍ୟେ
ସମୟ ନିଶ୍ଚିହ୍ନ ଥିଲା
ମୋ ସତ୍ତାର ସ୍ଥୁଳ ପରିଧିରେ
ଏବଂ ମୋ ଭିତରେ ମୋତେ
ଗ୍ରାସ କରିଥିଲା
ମାଂସଳ କାମନା;
ତମର ସେ 'ନୀଳ ଆଖି
ନୀଳ କଳେବର'
ବେଢି ଯାଇଥିଲା ମୋତେ
ମୁଁ ପ୍ରବେଶି ଥିଲି
ମାୟାର ବିବରେ ;
ଅବଶେଷେ ପରିଣତି
ଗ୍ରହଚ୍ୟୁତ ଉଲ୍କା ସମ

Digitized by PPRACHIN, SOA

ତମେ ଚାଲିଗଲ ।
ଯେଉଁ ଡ୍ରିଛକିରେ
ତମ ସହ ଭେଟ ହୋଇଥିଲା
ସେଇ ଟ୍ରିଛକିର ଲ୍ୟାଂପ ପୋଷ୍ଟ ତଳେ
ମୁଁ ଏକୁଟିଆ ହୋଇଥିଲି ଠିଆ
ଆଖିରେ ମୋ ଟଳମଳ ଲୁହ
ଛାତିରେ ମୋ ଥିଲା ଦୀର୍ଘଶ୍ୱାସ ।
ସେ ଦିନର ସେଇ ମୁହୂର୍ତ୍ତରେ
ତମଠାରୁ ମୋର ଏହି
ବିଚ୍ଛିନ୍ନତା ମଧ୍ୟେ
ଅଧିକୁ ଅଧିକ ହୋଇ ତମେ ମୋତେ
ଗ୍ରାସ କରିଗଲ
ଆହୁରି ନିବିଡ ଭାବେ
ଛାଇ ପରି ବେଢ଼ିଗଲ
ମୋ ଚଉପାଶରେ
ମୁଁ ହେଲି ନିର୍ବାକ
ଅତୀତର ସ୍ମୃତିମାନ ସାଉଁଟି ସାଉଁଟି
ବିଚଳିତ ବିଚ୍ଛିନ୍ନ ଏକକ ।
କିଂତୁ ସେଇ ରକ୍ତାକ୍ତ ହେବାର
ଅନୁଭୂତି ମଧ୍ୟ
ଯେତେବେଳେ ମୋ ଇଚ୍ଛାର
ପାପବୋଧ ତକ
ସଂବେଦନଶୀଳତାର ସ୍ପର୍ଶ ଲାଭ କଲା
ସବୁ କିଛି ପାଇବାର ଆଶା ସହ,
ହରାଇବା ମଧ୍ୟେ

Digitized by PPRACHIN, SOA

କ୍ରମଶଃ ନିଶ୍ଚିହ୍ନ ହେଲା ଓ
ମୁକ୍ତ କଲା ମୋତେ
କଲା ମୋତେ ଗତିଶୀଳ ଆମ୍ ସଚେତନ
ସେତେବେଳେ ପଚାରିଲି ମୁଁ ନିଜକୁ
ଓ ଅନୁଭବ କଲି;
ତମ ଭଳି ସ୍ଥାଣୁ ଏକ ଦୁର୍ବଳ ବ୍ୟକ୍ତିତ୍ୱେ
କିପରି ମୁଁ ଭଲପାଇଥିଲି ।
ଯାହା ମଧ୍ୟେ ନାହିଁ କାଣିଚାଏ ପ୍ରେରଣା
ଓ ଆତ୍ମପ୍ରତ୍ୟୟ-
ସଂଘର୍ଷକୁ ସାଥୀ କରିବାର
ପ୍ରତି ମୁହୂର୍ତ୍ତରେ ଯିଏ ଜୀବନକୁ ଭୟ କରି ପୁରୁଷ ଓ
ଈଶ୍ୱରଙ୍କଠାରେ, ସମର୍ପେ ନିଜକୁ
ବ୍ୟାଂକ ଆଉ ହାସପାତାଳେ ଆସ୍ଥା ରଖି
ବଂଚେ ଯେ ଜୀବନ
ଭବିଷ୍ୟତେ ଭୟ କରି
ହୁଏ ଯିଏ ନିରାପତ୍ତା କାମୀ
ସେପରି ବ୍ୟକ୍ତିତ୍ୱେ
କିପରି ମୁଁ ଭଲ ପାଇଥିଲି ?
ଏବେ ତମ ସହ
ଅବଶିଷ୍ଟ ସଂପର୍କ ବା ଯାହା
ରହିଯାଇଅଛି ଭାବିଲାବେଳକୁ
ସମୟ ନିଶ୍ଚିହ୍ନ
ଆଖିରୁ ଝରେନା ଲୁହ,
ଅତୀତର ଭୂତ
ସବାର ହୁଏନା

Digitized by PPRACHIN, SOA

ଅନୁଶୋଚନା ହୀନ ଭାବେ କରେ ମୁଁ ତର୍ଜମା
ଯାହା ହୋଇଗଲା ତାହା ଭୁଲ ଅବା ଭଲ
ଏପରି ଭାବିବାଠାରୁ ଯେଣୁ ମୁଁ ଦୂରରେ
ବାସ୍ତବକୁ ଗଢ଼ିବା ଓ ସଜାଡ଼ି ନେବାରେ
ସତ୍ତା ମୋ ମୁଖର ।
ଏବେ ତମ ସହ ଅବା ଆଉ କାହା ସହ
ସଂପର୍କରେ ନୁହଁ ମୁଁ ବିଚ୍ଛିନ୍ନ
ଶୂନ୍ୟ ଅବା ପୂର୍ଣ୍ଣ
ଗତାନୁଗତିକ ପୁଣି ଚର୍ବିତ ଚର୍ବଣ;
ଏକାଂତ ଏ ବ୍ୟକ୍ତିଗତ ଅନୁଭବେ ମୋର
ଏକାକାର ପ୍ରେମ ଓ ଚୈତନ୍ୟ
ସ୍ପର୍ଶମାତ୍ରେ ଯାହା ପ୍ରାଣମୟ
ବ୍ୟକ୍ତି ବ୍ୟଷ୍ଟିହୀନ
ସତ୍ତା ସହ ସମୟର ଯୋଗସୂତ୍ର
ମଧ୍ୟେ ଏ ଜୀବନ ।
●●

Digitized by PPRACHIN, SOA

ନାରୀଟିଏ ଭାରତ ବର୍ଷର

ହିଂଦୁତ୍ୱର ମହାନ୍ ପରଂପରା ଭିତରେ
ଏମିତି ଏକ ଭଗିନୀ ଦେଖିଛ
ଯିଏ ଭାଇ ବିନା ବଂଚିପାରେ
ଏମିତି ଏକ କନ୍ୟା ଦେଖିଛ
ଯିଏ ପିତାର ବାହୁଛାୟା ତଳେ
ବଡ ହେବାକୁ ମନା କରେ !
ଏମିତି ଏକ ସ୍ତ୍ରୀ ଦେଖିଛ
ଯିଏ ସ୍ୱାମୀର ବିନା ସାହଚର୍ଯ୍ୟରେ
ନିଜକୁ ଗଢି ତୋଳେ
ଏମିତି ଏକ ମା' ଦେଖିଛ
ଯିଏ ପୁତ୍ର କାମନା ରହିତ
ସଂତାନ ବିହୀନ ଜୀବନ
ବିତାଇପାରେ ।
ଦାସତ୍ୱ ଯେଣୁ ଅଂତଃକରଣରେ
ତେଣୁ ମାଟି ଉପରେ ପାଦଥାପି

Digitized by PPRACHIN, SOA

ନିରବଲଂବନ ଭାବେ ଚାଲିବା
ନାରୀପକ୍ଷେ ଅସଂଭବ ।
ସେଥିପାଇଁ ସମୟେ ସମୟେ
ଏକୁଟିଆ ଜୀବନ ଜିଇଁବା ବିପକ୍ଷରେ
ସେ ବାଛିନିଏ ଆତ୍ମହତ୍ୟା ବା
ସତୀ ହେବାର ପଥ;
ଭାରତବର୍ଷର ଭଗିନୀ, ଜନନୀ, ଜାୟା
ନିଜ ଇଚ୍ଛା ବିରୁଦ୍ଧରେ
ପରିସ୍ଥିତିର ପୋଷ ମନା
ପଶୁଟିଏ ପାଲଟିଯାଏ
ତା'ର ମଣିଷ ସତ୍ତା ଭିତରୁ ହଜିଯାଏ
ମଣିଷର ବୋଧ ।
ନାରୀଟିଏ ଯେଣୁ ପୁରୁଷର ଆଇନାରେ
ପ୍ରତିବିଂବିତ ହେବାକୁ ପଡେ ତାକୁ
ସ୍ଥିର ମୃତ୍ତିକାର କ୍ଷୀଣ ଅବୟବ
କଂଢେଇ ନାଚର ପୁତୁଳୀ
ବାକ୍‌ଶକ୍ତି ରହିତ
ମୂକ ଅଭିନୟର ନଟୀ ।
କାମିନୀକୁ କାଂଚନ ସହ ସମତୁଲ କରି
ତା'ର ଅସ୍ତିତ୍ୱ ଉପରେ ଚାପି ଦିଆଯାଏ
ଏକ ଅଚଳ ବସ୍ତୁର ମୋହର
ସତେ ଯେମିତି ସେ ଏକ ବିକ୍ରୀତ ଦ୍ରବ୍ୟ
ଅନ୍ୟର ଆହାର
ସେଇ ନାରୀକୁ
ମୁଁ ମଣିଷଟିଏ ଭାବରେ

Digitized by PPRACHIN, SOA

ଦେଖିବାକୁ ଚେଷ୍ଟା କରିଛି ବାରଂବାର
ସେ କିଂତୁ ସଂକୁଚିତ ହୋଇ
ଛିଡା ହୋଇଛି
ମୋ ସାମ୍‌ନାରେ
ଅନୁନୟ କରି କହିଛି-
"ମୋତେ ଅଧିକ ଅସହାୟ କରି
ଗଢି ତୋଳନା
ତମେ ବାଂଧି ହୋଇଯାଅ
ମୋ ସହିତ ସେଇ ସଂପର୍କରେ
ଯାହା ମୋର କାମ୍ୟ ।
ଭ୍ରାତା, ସ୍ୱାମୀ ଓ ପୁତ୍ର, ପିତା ଭାବରେ
ମୁଁ ତୁମକୁ ବରଣ କରି ନେଇଛି;
ତମର ସବଳ ପୌରୁଷତ୍ୱ ପାଖରେ
ମୁଁ ଭିକ୍ଷାଥାଳ ଧରି ଅପେକ୍ଷା କରୁଛି
ମୁଁ ନାରୀ !
କେଉଁ ଆବହମାନ କାଳରୁ
ପରିଚୟ ହୀନ ଭାବରେ ଧାଇଁଛି
ଧାଇଁଥିବ
ଯେ ପର୍ଯ୍ୟଂତ ନୂଆ ସଂପର୍କଟିଏ
ଗଢ଼ା ହୋଇନି
ଯେ ପର୍ଯ୍ୟଂତ ନୂଆ ପଦବୀଟିଏ
ଜନ୍ମ ନେଇନି
ସେ ପର୍ଯ୍ୟଂତ ସେ ନିଜର
ଅସ୍ତିତ୍ୱରକ୍ଷା ସକାଶେ
ପୁରୁଷକୁ ଆଦର କରୁଥିବ

Digitized by PPRACHIN, SOA

ସ୍ନେହ କରୁଥିବ
ତା'ଠାରୁ ନିର୍ଯାତିତ ହୋଇ ବି
ଆଦରି ନେଉଥିବ ସେଇ ଜୀବନକୁ
ଯାହା ତା ପାଇଁ ଶ୍ରେୟସ୍କର ।
ପୁରୁଷହୀନ ଭାବେ ବଂଚିବା
ଯେଣୁ ଅସଂଭବ
ପୁରୁଷ ସହିତ ବଂଚିବା ଯେଣୁ
ସମ୍ମାନଜନକ
ତେଣୁ ତା ପାଇଁ ଏକମାତ୍ର ସୁଖ
ସଂସାର ।
ସେଇ ନାରୀକୁ
ଯେତେଥର ମୁଁ କହିଛି
ତମେ ମୋର ବାଂଧବୀଟିଏ ହୁଅ
ସମଧର୍ମା ସାଥୀଟିଏ ବନିଯାଅ !
ଅହେତୁକ ଆଶଂକାରେ ଶିହରି ଉଠିଛି ସେ
ମୁହଁ ଫେରାଇ ନେଇଛି ମୋଠାରୁ
ନାରୀଟିଏ; ଭାରତ ବର୍ଷର ।
●●

Digitized by PPRACHIN, SOA

ଜୀବନକୁ ତା' ବାଟରେ ଯିବାକୁ ଦିଅ

ଇଂଦୋରରୁ ଫେରି
ତମେ ମୋ ବେଡ୍‌ରୁମ୍‌ରୁ ଆବିଷ୍କାର କଲ
ତିନୋଟି ବୋତଲ ଓ ଦୁଇଟି ନିରୋଧ;
ସେ ସମସ୍ତ ପଦାର୍ଥଗୁଡ଼ିକୁ ଏକାଠି କରି
ପ୍ରଦର୍ଶନୀ କଲା ଭଂଗୀରେ, ଥୋଇ
ପଚାରିଲ-
"ଇଏ କ'ଣ ପ୍ରିୟ" ?
ଉତ୍ତରରେ ମୁଁ କହିଲି
"ପିତୃଗୃହରୁ ଆଗତ
ପ୍ରାଚୀନ ମୂଷାମାନେ
ଏବେ ବି ତମ ମସ୍ତିଷ୍କକୁ
ଖୋଳ କରି ଚାଲିଛଂତି
ସେ କଥା ଛାଡ
ବହୁ ଦିନ ପରେ ତମ ସହିତ ଦେଖା
ଆସ ପାଖରେ ଶୁଅ
ରାତି ଅନେକ ହେଲାଣି
ଲାଇଟ୍ ଲିଭାଇ ଦିଅ
ଜୀବନକୁ ତା' ବାଟରେ ଯିବାକୁ ଦିଅ ।"
●●

Digitized by PPRACHIN, SOA

ସୃଷ୍ଟି ଅନୁପମ

ମଣିଷ ସୃଷ୍ଟିର ସବୁଠାରୁ
ସୁନ୍ଦର ଓ ଅନୁପମ
ବୋଲା ଯାଏ ଯାହାକୁ ତାକୁ
ଆବହମାନ କାଳରୁ ଆଜିଯାଏଁ କିଏ
ଦୁର୍ବଳ କରି ଗଢ଼ି ତୋଳିଛି ?
ସମୟ ତା'ର ସାକ୍ଷୀ
ତାର ଆଖିର ଲୁହରେ
ସୃଷ୍ଟି ହୋଇଛି
କେତେ ଯେ ଗଙ୍ଗା, ଯମୁନା
ତା'ର ଦୁଃଖର ତ୍ରିବେଣୀ ତଟରେ
ତଟସ୍ଥ କବି ମୁଁ ଏକ;
ବେସାହାରା ତାର
ଚିତ୍ରପଟ ମଧ୍ୟରେ ଦେଖିଛି
କେତେଯେ କୁନ୍ତି, ଦ୍ରୌପଦୀ, ରୋସ୍‌ନାରା
ପୀଲୁବେନ୍, ଛବିରାଣୀଙ୍କୁ

Digitized by PPRACHIN, SOA

ଇତିହାସ ସୃଷ୍ଟିର ଅନବଦ୍ୟ ନୈବଦ୍ୟ ସେ
ପୁରୁଷର, ଆଃ.... !
ହେ ନାରୀ: ସାଥୀ ମୋର
ଅସହାୟ ତମର ବ୍ୟକ୍ତିତ୍ୱ ପାଖରେ
ମୁଁ କିନ୍ତୁ ହାର ମାନିଯାଇଛି
ତମ ମଧ୍ୟ ଦେଇ ସଂଘର୍ଷର
ସଳଖ ରାସ୍ତାଟିଏ ଖୋଜି ପାଇଛି
କାହିଁ କେତେଦିନରୁ
ପୁରୁଷର ବୋଝ ବୋହି ବୋହି
ମୁଁ ବଡ଼ କ୍ଲାନ୍ତ
ମୋ ଭିତରର ଦୁର୍ବଳ ମଣିଷଟିକୁ
ଯଦି କେହି ସଳଖ କରି
ଗଢ଼ି ତୋଳିପାରେ
ସେ ହେଉଛ ତମେ !
ତମକୁ ମାଧ୍ୟମ କରି
ମୁଁ ମୁକ୍ତ ହେବାକୁ ଚାହେଁ;
ତମ ସହିତ ସଂପର୍କର ରାସ୍ତା ମୋର
ନୁହଁ କିନ୍ତୁ ସରଳ
ବରଂ ଜଟିଳ ।
ସେଥିପାଇଁ ହୁଏତ
ଏମିତି ହୋଇଛି
ବେଳେ ବେଳେ ତମ ଭିତରେ
ଲୁଚି ରହିଥିବା ପୁରୁଷଟି
ମୋତେ ଆହତ ଓ
କ୍ଷତ ବିକ୍ଷତ କରିଛି

Digitized by PPRACHIN, SOA

ସେଇ ମୁହୂର୍ତ୍ତରେ ଭାବିଛି
ତମ ଠାରୁ ଦୂରେଇ ଯିବି
ଘଟଣାର କ୍ରମ କିନ୍ତୁ ବଦଳିଯାଇଛି
ତମକୁ ଅଧିକରୁ ଅଧିକତର
ଭଲପାଇଛି !
ମୁଁ ଜାଣେ ତମଛଡ଼ା ମୋର
ନିସ୍ତାର ନାହିଁ
ତମ ବିନା ମୋର ମୁକ୍ତି ଅସମ୍ଭବ
ତମର ମୁକ୍ତି ସହ ମୋର ମୁକ୍ତି
ମୋର ମୁକ୍ତି ସହ ତମର ମୁକ୍ତି
ଓ ଶେଷରେ ଆମ
ଉଭୟଙ୍କର ମୁକ୍ତି ସହ
ସମଗ୍ର ମାନବ ଜାତିର ମୁକ୍ତି ଜଡ଼ିତ !
ଏହା ଜାଣି ଥିବାରୁ
ପୁରୁଷ ହୋଇ ଜନ୍ମ ଲଭିବାର
ପାପ ମଧ୍ୟରୁ ମୁକୁଳି ଆସିବା ପାଇଁ
ପରମ୍ପରାର ଆଦିମ ନିର୍ମୋକଟିକୁ
ଫିଙ୍ଗି ଦେଇ ତମର ସାଥୀତ୍ୱକୁ
ବରଣ କରି ନେଇଛି ।
ସତ କହିବାକୁ ଗଲେ
ତମର ସାଥୀତ୍ୱ ବିନା
ମୋର ଭିତରର
ଶତ୍ରୁଟିକୁ ମୁଁ ସାମ୍ନା
କରି ପାରେନା ।
ମୋର ଭିତର ଶତ୍ରୁଟି କେହି ନୁହଁ

Digitized by PPRACHIN, SOA

ପୁରୁଷ
ପଶୁ ସୁଲଭ ଇଚ୍ଛା ମଧ୍ୟରେ
ଯାହା ମଣିଷକୁ କରେ ବଶ।
ଏକମାତ୍ର ତମ ସହ ସଂପର୍କ ମାଧ୍ୟମରେ
ମୁଁ ମୋର ଅସଲ ମଣିଷଟିକୁ ଫେରି ପାଇବି
ଏକମାତ୍ର ତମ ସହ ସଂଘର୍ଷ ମାଧ୍ୟମରେ ହିଁ
ମୁଁ ଗୋଟା ଦୁନିଆ ସହ ସଂଘର୍ଷ ରତ ହେବି
ତମ ପ୍ରତି ମୋର ଏଇ ଐକାଂତିକ
ଭଲ ପାଇବା
ପ୍ରେମ ନୁହଁ
ପ୍ରେମ ଓ ସଂଗ୍ରାମ ଉଭୟ;
ସାଥୀଦ୍ୱର ସ୍ୱର୍ଣ୍ଣ ରେଣୁରେ ଉଜ୍ଜଳ
ଯେଉଁ ସଂଗ୍ରାମ ମଧ୍ୟରୁ
ଆଗାମୀ ଦିନମାନଙ୍କରେ ଏକ
ନୂଆ ପୃଥିବୀ ଜନ୍ମ ନେବ
ଏକ ନବ ଚେତନାର
ବାର୍ତ୍ତା ପ୍ରସରିଯିବ ।
ଯେଉଁ ଚେତନାର
ଜଗତରେ ଯେଉଁ ନୂଆ ପୃଥିବୀରେ
ନାଁ ତମେ ନାରୀ। ନାଁ ମୁଁ ପୁରୁଷ ।।
●●

Digitized by PPRACHIN, SOA

ନାରୀ ମୁକ୍ତି

'ମର୍ଯ୍ୟାଦା ପୁରୁଷ' ବୋଲି
ସମ୍ବୋଧନ କରି
-ଯେଉଁ ଦେଶରେ ପୁରୁଷର
ଆବାହନ କରାଯାଏ
ସେ ଦେଶରେ ନାରୀର
ଦୁଃଖ କିଏବା ବୁଝିବ ?
ଏ ଦେଶରେ ନାରୀର ଦୁଃଖ
ନାରୀବି ବୁଝେନା !
ଏକଦା ଦ୍ୱାପର ଯୁଗରେ
ବାରୁଣାବନ୍ତରେ ଜଣେ ନାରୀ
ଆଉ ଜଣେ ନାରୀକୁ ବାଂଟି ଦେଇଥିଲା
ନିଜର ପାଂଚ ପୁଅଂକ ଭିତରେ
ଦିନେ ସେଇ ପୁଅମାନେ ତାକୁ
ବାଜି ଲଗାଇଦେଲେ
ପଶା ଖେଳରେ !
ପରିଣତି ଧର୍ଷଣ
କୁରୁସଭା ତଳେ ସର୍ବ ସମ୍ମୁଖରେ;

Digitized by PPRACHIN, SOA

ତ୍ରେତୟାରେ ସୀତା ହୋଇଥିଲେ ନିର୍ବାସିତା
ଦ୍ୱାପରେ ଦ୍ରୌପଦୀ ହେଲେ ଧର୍ଷିତା
କଳିଯୁଗରେ ଛବିରାଣୀ, ରୋସ୍‌ନାରା, ପିଲୁବେନ୍.....।
ଏବେ କିଂତୁ ଏକ ବିଂଶ, ଶତାବ୍ଦୀର ନାରୀ
ସଶକ୍ତିକରଣ କାର୍ଯ୍ୟକ୍ରମର ହୋଇ ବି ଅଧିକାରୀ
ନୁହେଁ ସୁରକ୍ଷିତ
ସ୍ୱଗୃହରେ ଅଥବା ଜନପଦରେ ।
ସ୍ୱଗୃହରେ ନାରୀ ନିର୍ଯାତିତା,
ନିଗୃହିତା, ଅବଦମିତା
ଜନପଦରେ ସେ ଧର୍ଷିତା।
ନାରୀଟିଏ ନିରାପଦରେ ଏକକ ଜୀବନ
ଜିଇଁ ପାରେନା
ସମାଜ ରୂପୀ ଜଙ୍ଗଲରେ
ସେ ଅସୁରକ୍ଷିତ
ଏଠି ପୁରୁଷ ରୂପୀ ଶ୍ୱାପଦଙ୍କ ଭିଡ଼।
ସେଥିପାଇଁ ସ୍ୱଗୃହରେ
ନାରୀ ହେଉପଛେ
ଅବହେଳିତା, ନିଗୃହୀତା, ନିର୍ଯାତନା
ସ୍ୱାମୀ ଆଉ ଶ୍ୱଶୁରାଳୟରେ
ପିତା ମାତାଙ୍କର ସଂସାରରେ
ମଣେ ନିଜକୁ ସୁରକ୍ଷିତ।
ନାରୀ! ଅପରାପର
ସେ ନିଜେବି ନୁହଁ ନିଜର
ସେଥିପାଇଁ ନିରାପତ୍ତାକାମୀ ନାରୀ
ବଂଚିବା ପାଇଁ ପୁରୁଷକୁ କରେ ଅବଲମ୍ବନ
ପୁରୁଷକୁ କରେ ଢାଲ ପୁରୁଷ ବିପକ୍ଷରେ।

Digitized by PPRACHIN, SOA

ସଂପ୍ରତି ଆମ ସମାଜରେ ନାରୀ
ହୋଇଛି ମୁକ୍ତିର ଓଲଟ ଅସ୍ତ୍ରର ଅଧିକାରୀ;
ଯୁଗ ଯୁଗ ଧରି
ପୁରୁଷ ଦ୍ୱାରା ହୋଇଥିବା
ଶୋଷଣର କ୍ଷୋଭ
ବର୍ତ୍ତମାନ ବୁମେରାଂ ପରି ବାଜୁଛି
ପୁରୁଷ ଦେହରେ;
ପିଙ୍ଗଳ କୋର୍ଟର ନୂତନ ଦଫାରେ
ମିଛ ସତର ନ୍ୟାୟିକ ଧନୁର୍ବାଣରେ
ନାରୀ କରୁଛି ପୁରୁଷ ଶିକାର;
କେତେବେଳେ ସ୍ୱାମୀ ଶ୍ୱଶୁରତ
କେତେବେଳେ ଶାଶୁ, ନଣନ୍ଦ, ଦିଅର;
ଏପରିକି ବେଳେବେଳେ
ନିଜ ଭ୍ରାତା, ପିତା ଓ କୁମରକୁ।
ଏଦେଶର ପ୍ରତିଟି ପରିବାର
ସଂପ୍ରତି ଏକ ଏକ ରଣକ୍ଷେତ୍ର;
ଯେକୌଣସି ମୁହୂର୍ତ୍ତରେ
ଘଟିପାରେ ବିସ୍ଫୋରଣ
ବାମ ଓ ଦକ୍ଷିଣ
ଉଭୟ ରାଜନେତାଙ୍କ ଭାଷାରେ
ଏହା କାଳେ ଏକବିଂଶ ଶତାବ୍ଦୀର
ନାରୀ ଜାଗରଣ।
ଓକିଲ, ପୁଲିସ, ନ୍ୟାୟ ମୂର୍ତ୍ତିଂକ ଅନୁଗ୍ରହରୁ
ନାରୀକୁ ମିଳୁଛି ପ୍ରଚୁର ସ୍ୱାଧୀନତା
ନାରୀ କରୁଛି ଓଲଟ ମୁକ୍ତିଭୀକ୍ଷା
ନ୍ୟାୟିକ ଗୋଦାମ୍ ସାମ୍ନାରେ

Digitized by PPRACHIN, SOA

ଛିଡ଼ା ହୋଇ
ନାରୀ ଲୋଡୁଛି ସମତା ;
ସମତା ପାଇଁ ଲଢ଼େଇରେ
ନାରୀର ଓଲଟ କାର୍ଯ୍ୟକ୍ରମ
ଓଲଟ ସଂଗ୍ରାମ
ପରିଣତ ହେଉଛି ବ୍ୟର୍ଥତାରେ।
ସଫଳତା ମିଳୁନାହିଁ କିଛି
ମିଳିବବି ନାହିଁ
ସେ ପର୍ଯ୍ୟନ୍ତ ଯେ ପର୍ଯ୍ୟନ୍ତ
ନାରୀ ନିଜେ ନବୁଝିଛି
ନାରୀର ଲଢ଼େଇ ପୁରୁଷ ବିରୁଦ୍ଧରେ ନୁହଁ
ପୁରୁଷତଂତ୍ର ବିରୁଦ୍ଧରେ
ପୁରୁଷତଂତ୍ରର ଅବସାନ ତା'ର କାର୍ଯ୍ୟକ୍ରମ
ଏବେବି ବୁଝିବାରେ ବାକି ରହିଛି
ଉଭୟ ନାରୀ ଓ ପୁରୁଷକୁ।
ନାରୀ ସମସ୍ୟାର ବୀଜ କେଉଁଠି ?
ପ୍ରଥମେ ନାରୀ ବୁଝୁ
ପରେ ବୁଝିବ ପୁରୁଷ
ପୁରୁଷ ସଂପ୍ରଦାୟର ଏକାଂଶ
ଦିନେ ସାମିଲ ହେବ ନାରୀ ସହ
ନାରୀ ମୁକ୍ତିର ସଂଗ୍ରାମରେ
ନାରୀ ଦେବ ପୁରୁଷକୁ ଦିଶା
ନାରୀ ମୁକ୍ତିର ସଂଗ୍ରାମରେ ଅଛି
ପୁରୁଷ ମୁକ୍ତିର ଜିଜ୍ଞାସା
ମାନବ ମୁକ୍ତିର ଆଶା ।

●●

Digitized by PPRACHIN, SOA

ଅର୍ଦ୍ଧନାରୀଶ୍ୱର

ମଣିଷ ସୃଷ୍ଟିର ସବୁଠାରୁ ସୁନ୍ଦର
ଓ ଅନୁପମ ବୋଲି କୁହାଯାଇଛି ଯାହାକୁ
ତାକୁ
ଏତେ ଦୁର୍ବଳ କରି ରଖାଯାଇଛି କାହିଁକି ?
ଦେବୀ ବୋଲି ସମ୍ବୋଧନ କଲା ପରେ ବି
ଦେବ ଭୋଗ୍ୟା ହୋଇଛି କିପରି, ସେ
ସର୍ବଂସହା ଧରିତ୍ରୀ ବୋଲି ତାକୁ
ସମ୍ବୋଧନ କରାଯାଇଛି
କାହିଁକି ?
ନାରୀ ! ଅନବଦ୍ୟ ନୈବିଦ୍ୟ ପୁରୁଷର !
ପୁରୁଷତନ୍ତ୍ରର, ଅଦ୍‌ଭୁତ ଶୀକାର ।
ପୁରୁଷ ତଂତ୍ର, ଏକ ବିଚିତ୍ର ଯନ୍ତ୍ର
ଯେଉଁ ଯଂତ୍ରରେ ନାରୀ ଓ ପୁରୁଷ
ଉଭୟ ନିକ୍ଷିପ୍ତ
ଉଭୟ ଲାଞ୍ଛିତ, ଉଭୟ ପୀଡ଼ିତ

Digitized by PPRACHIN, SOA

ମୁକ୍ତ ଦୁନିଆର ମଣିଷ ମୁଁ ଏକ;
ପୁରୁଷର ବୋଝ ବୋହି ବୋହି ବଡ଼ କ୍ଳାନ୍ତ
ଶତଚେଷ୍ଟା ସତ୍ତ୍ୱେ ବି,
ଏକୁଟିଆ ସେ ବୋଝକୁ
ମୁଁ ମୋ ପିଠିରୁ ଓହ୍ଲାଇ ପାରୁନି
ସେଥିପାଇଁ ଲୋଡ଼ା ମୋର ସାଥୀତ୍ୱ
ସଂଗ୍ରାମୀ ନାରୀର;
ଯିଏ ନୁହଁ ପୁରୁଷର ଦୁର୍ବଳ ପ୍ରତିପକ୍ଷ
ସେହିଁ କେବଳ କରିପାରେ ମୋତେ
ବନ୍ଧନରୁ ମୁକ୍ତ
ଭବିଷ୍ୟତରେ ତା'ରି ବନ୍ଧୁତ୍ୱ
ମୁକ୍ତିର ସୁବର୍ଣ୍ଣ ରେଣୁରେ ହେଉ
ଉଜ୍ଜଳ ଓ ଆଲୋକିତ
ଯେଉଁ ଆଲୋକମୟ ଜଗତରେ
ନା ସେ ନାରୀ, ନା ମୁଁ ପୁରୁଷ ।
●●

Digitized by PPRACHIN, SOA

ସତୀତ୍ୱର ମୂଲ୍ୟ

ପୃଥିବୀର ଜଣେ ପ୍ରସିଦ୍ଧ ଲେଖକ
ତାଂକ ବଂଧୁ ପତ୍ନୀଂକ
ସୌଂଦର୍ଯ୍ୟର ଆକର୍ଷଣରେ ପଡ଼ିଗଲେ;
ତାଂକର ସାନିଧ ଲାଭ ସକାଶେ
ସେ ପ୍ରଥମେ ତାଂକୁ ପାଂଚ ପାଉଂଡ଼ ଯାଚିଲେ
ବଂଧୁ ପତ୍ନୀ ରାଗିଗଲେ ଓ କହିଲେ
ମୋର ଦେହ ବିକ୍ରୀ ପାଇଁ ନୁହଁ
ସ୍ୱଭାବିକ ମିଳନ ଲାଳସାରେ
ମୁଁ ତମ ବଂଧୁଂକ ସହ ସଂବନ୍ଧାନ୍ୱୀତ
ଆମ ସ୍ୱାମୀ ସ୍ତ୍ରୀ ମଧ୍ୟସ୍ତ ସଂପର୍କ / ଏକ ବିଶ୍ୱାସର ଗୀତ;
ଲେଖକ ଜଣକ ସଂସାରକୁ ବୁଝିଥିଲେ
ପୁଂଜିବାଦୀ ଦୁନିଆରେ ସଂପର୍କର ମୂଲ୍ୟ ସତରେ କେତେ ହୋଇପାରେ
ଜାଣିଥିଲେ
ପାଂଚରୁ, ପଚ୍ଚଶ ପାଉଂଡ଼
ପଚ୍ଚଶରୁ ପାଂଚଶହ, ପାଂଚ ହଜାର
ପଚ୍ଚଶ ହଜାର, ପାଉଂଡ଼ ଯାଏଁ ସେ ଗଲେ
ବଂଧୁପତ୍ନୀଂକ ସତୀତ୍ୱର ଅହଂକାର
ମାଟିରେ ମିଶିଲା

Digitized by PPRACHIN, SOA

ବିନିମୟରେ ମିଳନର କ୍ରୀଡ଼ା ରଚିତ ହେଲା;
ବଂଧୁପତ୍ନୀଂକୁ ପଚାଶ ହଜାର ପାଉଂଡ଼ ମିଳିଲା ।
ଯା' ଭିତରେ କିଛିଦିନ ବିତିଗଲା
ପୁଣିଥରେ ଲେଖକଂକୁ ତାଂକ ବଂଧୁପତ୍ନୀଂକଠାରୁ
ଡାକରା ଆସିଲା...
ମିଳନର ପର୍ବ ରଚନା ପାଇଁ
ପ୍ରସ୍ତାବ ଦିଆଗଲା ପୁଣିଥରେ
ପଚାଶ ହଜାର ପାଉଂଡ଼ ଆଶା କରାଗଲା ।
ଲେଖକ ଜଣକ କହିଲେ ବଂଧୁପତ୍ନୀ ମୋର ଏଥର ହେଉ
ହୃଦୟ ସହିତ ହୃଦୟ ମିଳନ ମାଧ୍ୟମରେ
ଆମ ସଂପର୍କର ରୂପାଂତର;
ଯାହାକୁ କୌଣସି ଟଂକା ଦ୍ୱାରା
କରାଯାଇପାରିବନି କଳନା ।
ବଂଧୁପତ୍ନୀ ବିନା ପାଉଂଡ଼ରେ ଦେହଦାନ ପାଇଁ ଅରାଜି ହେଲେ
ଓ ପୁଣିଥରେ ପଚାଶ ହଜାର ପାଉଂଡ଼ ଦାବୀ କଲେ ।
ଲେଖକ ଜଣକ ଶେଷରେ ୫୦୦ ପାଉଂଡ଼ରେ ରାଜି ହେଲେ
ଓ କହିଲେ ଏବେ ତମେ ସତୀ ହୋଇକରି ନାହଁ
ଦ୍ୱିତୀୟବାର ମିଳନର ବଜାର ମୂଲ୍ୟ ଯେ ୫୦୦ ପାଉଂଡ଼
ତମେ ସେଥିରେ ରାଜି ହୁଅ । ବଂଧୁପତ୍ନୀ ହଠାତ୍ ରାଗିଗଲେ
ଓ ପରେ ନିଜର ଭୁଲ୍ ବୁଝିପାରି ଲେଖକଂକୁ କ୍ଷମା ମାଗିଲେ
ଶେଷରେ ଲେଖକ ଜଣକ
ବଂଧୁପତ୍ନୀଂକୁ କହିଲେ
ନାରୀ ନହେଉ ବଜାରର ସାମଗ୍ରୀ
ହେଉ ସେ ମୁକ୍ତ ସଂପର୍କର ଅନୁରାଗୀ ।
●●

Digitized by PPRACHIN, SOA

ଅହଲ୍ୟା

କେଉଁ ପଥର ଦେହରେ ପଥର ହୋଇ ରହିଥିଲା ସେ
ପୁରୁଷର ପାଦସ୍ପର୍ଶରେ ଫେରିପାଇଲା ଜୀବନ ।
ଜଣେ ପୁରୁଷ ତାକୁ ଏରୁଂଡ଼ି ବଂଧ ଡେଇଁବା ପାଇଁ ମନା କରିଥିଲେ
ଆଉ ଜଣେ ପୁରୁଷ ତାକୁ ଆକର୍ଷି ନେଲେ
ଜଣେ ପୁରୁଷର ଅଭିଶାପରୁ ସେ ପଥର ହେଲେ
ଓ ପୁଣି ଜଣେ ପୁରୁଷ ତାଂକୁ ମୁକ୍ତି ଦେଲେ ।
ଜଣେ ନାରୀର ପୁରୁଷ ପ୍ରତି ଆକର୍ଷଣ କ'ଣ ଅନ୍ୟାୟ
ପୁରୁଷର ନାରୀ ପ୍ରତି ଆକର୍ଷଣ କେଉଁ ଦିଗରୁ ନ୍ୟାୟ ?
ବୀରଭୋଗ୍ୟା ବସୁଂଧରାର ଜଗତରେ ପୁରୁଷମାନେ ବୀର
ନାରୀମାନେ ପଥଭ୍ରଷ୍ଟା/ପୁରୁଷ ପାଖରେ ନାରୀ ପାଲଟେ ବିଷ୍ଟା/ନରକରଦ୍ୱାର
ନାରୀର ଭୁଲ୍ ପାଇଁ ନାରୀକୁ ଟେକା ପକାଇ ମରାଯାଏ
ପୁରୁଷର ଭୁଲ୍ ପାଇଁ ନାରୀ ଦଂଡ଼ ପାଏ ।
ଦଂଡ଼ ଦେବାର କ୍ଷମତା ପୁରୁଷର/ପୁଣି ମୁକ୍ତି ବି
ପୁରୁଷର ଭାଷାରେ ପୁରୁଷ 'ପୁରୁଷ ପୁଂଗବ',
ରମା ବଲ୍ଲବ, ଜଗତର ସ୍ୱାମୀ-ନୟନ ପଥ ଗାମୀ

Digitized by PPRACHIN, SOA

ଦୁନିଆରେ ପୁରୁଷ ଈଶ୍ୱର, ଈଶ୍ୱର ପୁରୁଷ
ଈଶ୍ୱରୀମାନେ ଈଶ୍ୱରଙ୍କ ଅଧୀନସ୍ଥ ।
ଅଧୀନସ୍ଥ ହୋଇଥିବାରୁ ଅହଲ୍ୟା ମୁନି ଅଭିଶାପରେ
ପାଲଟିଲା ଶିଳା
ମୁକ୍ତି ପାଇଁ ପୁରୁଷର ପାଦସ୍ପର୍ଶକୁ ଅପେକ୍ଷା କରି ରହିଲା ।
ଅହଲ୍ୟାଙ୍କୁ ଦଂଡ଼ ଆଉ କ୍ଷମା ଦେଉଥିବା ପୁରୁଷମାନଂକ ବିରୁଦ୍ଧରେ
ଅହଲ୍ୟାମାନେ କେବେ ସ୍ୱର ଉତ୍ତୋଳନ କରିବେ
ଅହଲ୍ୟାମାନେ ପୁଂଜିପତି ଓ ପୁରୁଷମାନଂକୁ କେବେ
କ୍ଷମତାରୁ ହଟାଇବେ ?
ଶ୍ରମର ଶୋଷଣ କରେ ପୁଂଜିପତି
ନାରୀର ଶୋଷଣ କରେ ପୁରୁଷ ପ୍ରଜାତି
ବ୍ରହ୍ମା, ବିଷ୍ଣୁ ଓ ଶିବ ଏମାନେ ସମସ୍ତେ
ସୃଷ୍ଟି, ଶାସନର ଦଂଡ଼ଧାରୀ, ପ୍ରଳୟର ଧବ ।
ଅହଲ୍ୟାମାନଂକୁ ମୂକ-ନିରବ ପଥର କରି ରଖେ
ପୁରୁଷତଂତ୍ର ଓ ପୁଂଜିଂବାଦ
ଶୋଷିତ ପୁରୁଷ ଓ ଶୋଷିତା ନାରୀ ଭିତରେ/ନାହିଁ କୌଣସି ପ୍ରଭେଦ
କିଂତୁ ଏମାନେ ନୁହଂତି ଐକ୍ୟବଦ୍ଧ/ପୁରୁଷତଂ ଓ ପୁଂଜିବାଦ ବିରୁଦ୍ଧରେ
ଏବେ ସମୁହ ସର୍ବହରା ଅହଲ୍ୟା ପଥରମାନେ
ଐକ୍ୟବଦ୍ଧ ହେବାର ବେଳ ଉଛୁର
ପୁରୁଷତଂତ୍ର ଯେ ପୁଂଜିବାଦର ଅନୁଚର
ମାନବତାର ଶତ୍ରୁ/ସର୍ବହରା ଓ ଅହଲ୍ୟା
ମାନେ/ଏ ଦୁଇ ବ୍ୟବସ୍ଥାକୁ ଧ୍ୱଂସ କର ।
●●

Digitized by PPRACHIN, SOA

ଦ୍ରୌପଦୀ

ପ୍ରଥମେ ପଂଚୁପାଣ୍ଡବମାନେ ଦ୍ରୌପଦୀଙ୍କୁ
ଏକ ପଦାର୍ଥ ଭଳି ନିଜ ନିଜ ଭିତରେ ବାଂଟିନେଲେ
ପରେ ତାଂକୁ ପଶା ଖେଳରେ ବାଜି ଲଗାଇଲେ
ଜଣେ ପୁରୁଷ ଦ୍ରୌପଦୀଂକ ବସ୍ତ୍ର ହରଣ କଲେ
ଆଉ ଜଣେ ପୁରୁଷ ତାଂକୁ ବସ୍ତ୍ର ଯୋଗାଇଲେ
ଝିମିଟି ଖେଳରୁ ମହାଭାରତ ଯୁଦ୍ଧ ସୃଷ୍ଟି ହେଲା
ଝିମିଟି ଖେଳରେ ପାଂଡ଼ବମାନେ ହାରିଯିବାଟା
ଦ୍ରୌପଦୀକୁ ଦଂଡ଼ ଦିଆଗଲା
ଦ୍ରୌପଦୀର କ'ଣ ବା 'କସୁର୍' ଥିଲା ?
ପାଂଡ଼ବମାନେ ଦ୍ରୌପଦୀକୁ ପଦାର୍ଥ ଭାବି
ବାଜି ଲଗାଇଲେ
କୌରବମାନେ ଦ୍ରୌପଦୀର ବାଳ ଝିଂକିଲେ ।
ପୁରୁଷତଂତ୍ରରେ ଜଣେ ନାରୀ ହିଁ ହୁଏ ନିର୍ଯ୍ୟାତିତା
ସାମ୍ରାଜ୍ୟତଂତ୍ରରେ ଯେମିତି ସମୂହର ଅବସ୍ଥା
ପୁଂଜି ଓ ପୁରୁଷ ବ୍ୟକ୍ତିଗତ ସଂପତ୍ତିଭିତ୍ତିକ
ସମାଜର ଶୋଷ ।
ଶୋଷ ଓ ଶୋଷଣ ପୁଂଜି ଆଉ ପୁରୁଷର ଗୁଣ ।
ଦ୍ରୌପଦୀ ପାଇଁ କେହି ନୁହଂତି ବୀର
ପାଂଡ଼ବ ଓ କୌରବ ସଭିଏଁ
ପୁରୁଷତଂତ୍ରର ଅନୁଚର ।
ଦ୍ରୌପଦୀମାନେ ଏବେ ଜିନ୍ ପିଂଧିଲେଣି
ଦ୍ରୌପଦୀମାନେ ଏବେ ନୂତନ ଭାବରେ ଧର୍ଷିତା ହେଲେଣି
ପୁରୁଷତଂତ୍ର ଭୟରେ ଦ୍ରୌପଦୀମାନେ ଏବେ

Digitized by PPRACHIN, SOA

ଏବେ ରୁମାଲ ଆଚ୍ଛାଦିତା
ନୂତନ ଭାରତବର୍ଷରେ ଦ୍ରୌପଦୀମାନେ
ନିର୍ଭୟାର ଦୁହିତା ।
ଛବିରାଣୀକୁ ହତ୍ୟାକଲେ ଯେଉଁମାନେ ସେମାନେ କୌରବ
ଛବିରାଣୀ ହତ୍ୟା ବିରୁଦ୍ଧରେ ପ୍ରତିବାଦ କଲେ ଯେଉଁମାନେ
ସେମାନେ ପାଂଡ଼ବ ।
ଉଭୟ ପାଂଡ଼ବ ଓ କୌରବ
ପୁରୁଷତଂତ୍ର ଓ ପୁଂଜିତଂତ୍ରର ଦୁଷ୍ଟ ଅନୁଚର
ବ୍ୟକ୍ତିଗତ ସଂପତ୍ତିଭିତ୍ତିକ ନାରୀ ପୁରୁଷ ସଂପର୍କର ।
ପୁରୁଷତଂତ୍ର ପୁଂଜିତଂତ୍ରରେ ସାମଂତତଂତ୍ରର ଧ୍ୱଂସାବଶେଷ
ତହିଁ ମଧ୍ୟରେ ରହିଛି ମନୁବାଦର ବିଷ ।
ମନୁ ସୃଷ୍ଟି କରିଥିଲେ ଜାତି
ମନୁଂକର ସୃଷ୍ଟି ବି ପୁରୁଷ ପ୍ରଜାତି
ମନୁଂକ ସୃଷ୍ଟିରେ ଦ୍ରୌପଦୀ ଦ୍ୱିତୀୟ ଲିଂଗ
ମନୁଂକର ସୃଷ୍ଟିରେ ପୁରୁଷ ନୁହିଁ
ନାରୀର ଅର୍ଦ୍ଧାଂଗ/ନାରୀ ପୁରୁଷର ଅର୍ଦ୍ଧାଂଗ
ପୁରୁଷର ବାହୁଛାୟା ତଳେ ତା'ର ସ୍ଥାନ
ଦ୍ରୌପଦୀମାନେ ଚିରକାଳ ପୁରୁଷ ଅଧୀନ ।
ଦ୍ରୌପଦୀ ନିଜେ ଲଢ଼ିପାରେନା ବୋଲି ତା' ପାଇଁ
ଆବଶ୍ୟକ ହୁଏ ପୁରୁଷ ଭୀମ
ଭୀମ, ଦୁଃସା ଓ ଅର୍ଜୁନମାନେ/ଦ୍ରୌପଦୀର ଦୁଃଖର କାରଣ ।
ଦ୍ରୌପଦୀ ନିଜେ ହିଁ ହେଉ ନିଜ ପାଇଁ ମୁକ୍ତିର ନିୟମ
ଅନ୍ୟ ଯେତେ ନିପୀଡ଼ିତମାନଙ୍କ ସହ ସେ ରଚୁ ସଂଘମ
ଏହା ହିଁ ଆଜିର ଦ୍ରୌପଦୀମାନଂକ ପାଇଁ ମୁକ୍ତି ନିୟମ ।
●●

Digitized by PPRACHIN, SOA

ସୀତା

ସୀତା !
ତୁମେ ଅଗ୍ନୀ ପରୀକ୍ଷା ପାଇଁ କାହିଁକି ରାଜି ହେଲ
ସ୍ୱାମୀ ନିର୍ଭରଶୀଳା ନାରୀଟିଏ ବୋଲି
ବନବାସ ତ ଗଲ; ଯାହା ଥିଲା ଷଡ଼ଯଂତ୍ରର
ଏକ ଅଂଶ ବିଶେଷ
କ୍ଷମତା ଲାଭର ଖେଳ
ତୁମର ସ୍ୱାମୀ ଯା'ର
ହୋଇଥିଲେ ଶୀକାର।
ଅଯଥା ସଂଦେହରେ
ଏକ ଭୀରୁ ସ୍ୱାମୀ ତମକୁ କଲେ ନିର୍ବାସୀତା
ତା'ପରେ ତୁମେ ହୋଇଗଲ ସତୀ ସୀତା ।
ଯଶ ଓ କ୍ଷମତା ଲୋଭର ଶୀକାର ହୋଇଥିବା
ମଣିଷମାନଂକ ପାଖରେ ତୁମେ ସତୀତ୍ୱର
ଝଂଡ଼ା ଉଡ଼ାଇଲ; ସେଥିପାଇଁ ଅକଥନୀୟ
ନିର୍ଯ୍ୟାତନା ବି ପାଇଲ । ଏକ ଗରୀବ
ଋଷି ଆଶ୍ରମରେ ଜୀବନ କଟାଇଲ ।
ଯେଉଁ ସ୍ୱାମୀ ତୁମକୁ ଅସ୍ୱୀକାର କଲାପରେ
ତମକୁ ଭରଣପୋଷଣ ଦେବା ଦୂରର କଥା
ପିଲାର ଯତ୍ନ ନେଲା ନାହିଁ
ସେ ସ୍ୱାମୀ ପାଇଁ ତମେ ଆଖିରୁ ଲୁହ ଗଡ଼ାଇଲ

Digitized by PPRACHIN, SOA

କ'ଣ ପାଇଁ ?
ତୁମର ଉଦାରପଣ ପାଇଁ
ଆଜି ଶହ ଶହ ପୁରୁଷ ଦାବୀ କରୁଛଂତି
ପତ୍ନୀଂକଠାରୁ ଅସୀମ ତ୍ୟାଗ
ଓ ସତୀତ୍ୱ ।
ସୀତା ତୁମେ ଏପରି କିଛି ଭୁଲ୍ କରିଛ
ଯାହାପାଇଁ ଆଜିର ନାରୀକୁ କରିବାକୁ ପଡୁଛି
ପ୍ରାୟଶ୍ଚିତ ।
ନାରୀ ପାଇଁ ସତୀପଣ ଏକ
ସଂଘର୍ଷଶୀଳ ଜୀବନ/ପୁରୁଷତଂତ୍ର ବିପକ୍ଷରେ ।
ଅନ୍ୟ ଏକ ଅର୍ଥରେ
ସତତା ହିଁ ସତୀତ୍ୱ
ସତତା ନଥାଇ କେବଳ ଦେହର ବିଶୁଦ୍ଧତାକୁ
କିପରି ସତୀତ୍ୱ ବୋଲି କୁହାଯାଇପାରିବ ?
ଏକ ଖଳ ଓ ନୃଶଂସ ନାରୀ ବି ହୋଇପାରେ ସତୀ
ଏକ ମାଡ଼ଗାଳି ଖାଉଥିବା (ସ୍ୱାମୀଠାରୁ) ନାରୀ ବି
ହୋଇପାରେ ସତୀ
ଏହା କ'ଣ ହେବ ଦୁନିଆର ରୀତି ?
ଅନ୍ୟାୟ କରୁଥିବା ନାରୀଟି ନୁହଁ ସତୀ
ଅନ୍ୟାୟକୁ ସହ୍ୟ କରୁଥିବା ନାରୀ ବି ନୁହଁ ସତୀ
ସତତାର ପରିପ୍ରକାଶ ଘଟେ ଅନ୍ୟାୟକୁ ବିରୋଧ କରିବାରେ
ସତତାର ପରିପ୍ରକାଶ ଘଟେ ଅନ୍ୟାୟ ନ କରିବାରେ ।
ତମେ ଅନ୍ୟାୟକୁ ବିରୋଧ କରିଛ କାଂଦି କାଂଦି ସହି ସହି
ସୀତା ! ସେଥିପାଇଁ ତମେ ଏକ ବିରୋଧାଭାଷ ।
●●

Digitized by PPRACHIN, SOA

ସୂର୍ପଣରେଖା

ତମେ ଜଣେ ଦ୍ରାବିଡ଼ ପରିବାର ଝିଅ ହୋଇ
ଯୁବରାଜ ଲକ୍ଷ୍ମଣଂକ ପ୍ରେମରେ କାହିଁକି ପଡ଼ିଲ
ଯୁବରାଜ ଲକ୍ଷ୍ମଣ ତମେ ସୁପର୍ଣରେଖାର ପ୍ରେମକୁ
ପ୍ରତ୍ୟାଖ୍ୟାନ କରିପାରିଥାଂତ
କିଂତୁ ତା'ର ନାକ କାନକୁ କାହିଁକି କାଟିଦେଲ
ହେ ରାମ ! 'ମର୍ଯ୍ୟାଦା ପୁରୁଷ' ହୋଇ ତମେ
'ବାବୁ ନାକଶିରୀ ଦାନ ଯୋଗ୍ୟ ଯୋଷା'କୁ ବୋଲି
ଲକ୍ଷ୍ମଣକୁ କାହିଁକି ଚିଠି ଲେଖିଲ ?
ଦଳିତ ଓ ନାରୀମାନଂକ ଉପରେ ରାମ ଓ ଲକ୍ଷ୍ମଣଂକ ଅତ୍ୟାଚାର
କେବେ ବଂଦ ହେବ
କେବେ ଏ ଭାରତବର୍ଷରେ ସାମାଜିକ ନ୍ୟାୟର ପ୍ରତିଷ୍ଠା ଘଟିବ ?
ସତ୍ୟ ଯାଇ ତ୍ରେତୟା, ତ୍ରେତୟା ଯାଇ ଦ୍ୱାପର,
ଦ୍ୱାପର ଯାଇ କଳିଯୁଗରେ ଆମେ
ପଦାର୍ପଣ କରିଛଂତି
ପୁଣି ଥରେ ସତ୍ୟଯୁଗର ପ୍ରତିଷ୍ଠା ଭାରତବର୍ଷରେ
କେବେ ହେବ ?
ଗୋଟାଏ ସତ୍ୟଯୁଗ ତ ବେକାର ଗଲା
ସୂପର୍ଣରେଖାର ନାକ କାନ କଟାରେ
ଗୋଟାଏ ଦ୍ୱାପରଯୁଗ ଆମେ ବରବାଦ କଲେ
ଏକଲବ୍ୟର ଆଂଗୁଠି କଟାରେ

Digitized by PPRACHIN, SOA

କଳିଯୁଗକୁ ଆମେ ପୁଷ୍ଟ କରିଛନ୍ତି
ଦାଦରୀକାଣ୍ଡ଼ ଓ ରୋହିତ ବେମୁଲା ଆତ୍ମହତ୍ୟାରେ ।
ସବୁ ଯୁଗରେ ଭାରତବର୍ଷରେ ସୁପର୍ଣରେଖାର ନାକ କାନକଟାର କାରବାର
କ'ଣ ଏମିତି ଚାଲିଥିବ ନା ବନ୍ଦ ହେବ ?
ନାରୀ, ଦଳିତ ଓ ସର୍ବହରା ଏମାନେ ଏକ ଅଲଗା
ଜାତି ଭାବରେ କେବେ ନିଜକୁ ପ୍ରତିଷ୍ଠିତ କରାଇବେ
ଗଣତନ୍ତ୍ର ମାଧ୍ୟମରେ ସାମ୍ୟବାଦର ପ୍ରତିଷ୍ଠା କରିବାକୁ ଚାହୁଁଥିବା
ଲୋକମାନେ କେବେ ଏହାର ନେତୃତ୍ୱ ନେବେ ?
ପୃଥିବୀର ୯୯ ଭାଗ ଲୋକ ବର୍ତ୍ତମାନ ନାରୀ, ଦଳିତ ଓ ସର୍ବହରା
ଏକଭାଗ ଲୋକଙ୍କ ବିରୁଦ୍ଧରେ ସେମାନଙ୍କର ନାରା
ତମେ ୧ ଭାଗ ଆମେ ୯୯ ଭାଗ
ଇତ୍ୟାଦି ଇତ୍ୟାଦି ।
ଅନେଶତ ଭାଗ ଲୋକଙ୍କୁ ମିଛକଥା କହି, ଅଳ୍ପ ସ୍ୱଳ୍ପ ଲାଂଚ ଦେଇ
ଠକୁଛନ୍ତି ଏକଭାଗ ଲୋକ
ପୃଥିବୀର ସୁପର୍ଣରେଖାମାନେ କେବେ ହେବେ ଏକଭାଗର ବିକଳ୍ପ
ଏକଭାଗ ଲୋକମାନେ ଜନ୍ଦା, ପିମ୍ପୁଡ଼ି ପରି ୯୯ଭାଗ ଲୋକଙ୍କୁ
ବ୍ୟବହାର କରନ୍ତି
ଅନେଶତ ଭାଗ ଲୋକମାନେ ହିନ୍ଦୁ ମୁସଲମାନ ନାରୀ,
ଦଳିତ, ସର୍ବହରା ନାଁରେ
ଭାଗ ଭାଗ ହୋଇ ରହିଥାନ୍ତି
ନାଟକର ଶେଷଦୃଶ୍ୟ ଅଭିନୀତ ହେବାର ବେଳ ଏବେ ଉପଗତ
ଏଥର ନାଟକର ଯବନିକା ପାତର ଦୃଶ୍ୟ ବିଶ୍ୱ ଧ୍ୱଂସ
ନତୁବା ଏକଭାଗ ଲୋକଙ୍କ ବିରୁଦ୍ଧରେ ଅନେଶତ ଭାଗ ଲୋକଙ୍କ
ବିଜୟର ଦୃଶ୍ୟପଟ ।

● ●

Digitized by PPRACHIN, SOA

ପ୍ରେମର କୌଣସି ଜାତି ନାହିଁ-କୌଣସି ଧର୍ମ ନାହିଁ

ବାଛି ବାଛି ନିଜ ଜାତିର ପୁଅକୁ ପ୍ରେମ କରିବା କ'ଣ ସଂଭବ
ଜାତି ଯୌତୁକହୀନ ବିବାହ ଓ ପ୍ରେମପର୍ବ/ଆରଂଭ ହୋଇ
ଯାଇଛି ଏ ଦେଶରେ/ପୂର୍ବ ପ୍ରଜନ୍ମର ଲୋକ ଜଳୁଛି ଈର୍ଷାରେ
ଝିଅ ପୁଅ ଯଦି କୌଣସି ପାର୍କରେ ଚୁମା ଦିଆ ଦିଇ ହେଲେ
ବୁଢ଼ା ବୁଢ଼ୀମାନଂକର ରୋଷ କହିଲେ ନସରେ ।
ଚୁଂବନ ପାଇଁ ପାର୍କ ହିଁ ଶ୍ରେଷ୍ଠ ପରିବେଶ
ଏହାକୁ ଦେଖି ପରସୂରୀ ଉପରେ ପୂର୍ବସୂରୀର ରୋଷ
ପିଲାମାନେ ଖରାପ ହୋଇଗଲେ/ସମାଜ ରସାତଳକୁ ଗଲା
ଗଣ ମାଧ୍ୟମରେ ସଂବାଦ ମାଧ୍ୟମରେ ଚିତ୍କାର
ପାଖଂଡ଼ିମାନଂକର ପ୍ରେସ ନୋଟ୍ 'ଇଏ ସୃଷ୍ଟି ନାଶର ବେଳ'
ଲଇଲା ମଜ୍‌ନୁ, କେଦାର ଗୌରୀମାନଂକର
ପ୍ରେମ ଦିବସ ପାଳନକୁ ପ୍ରାଚୀନ ପଂଡ଼ିତମାନଂକ ବିରୋଧ
ରାମ୍ ରାମ ଶବ୍ଦ ।
ପ୍ରେମ ଜୀବନକୁ ବସଂତମୟ କରି ଗଢ଼ିତୋଲେ
ପ୍ରେମ ସଂପର୍କକୁ ବିରୋଧ ପ୍ରେମର ବାଟ ଓଗାଳେ

Digitized by PPRACHIN, SOA

ପ୍ରେମିକ ପ୍ରେମିକାମାନେ ପୃଥିବୀର 'ଈଶ୍ୱର ଈଶ୍ୱରୀ'
ପ୍ରେମିକ ପ୍ରେମିକା ସଂପର୍କକୁ ସ୍ୱାଗତ କର
ଯେତେ ଅଛ ମୁକ୍ତ ନରନାରୀ
ତାହା ସ୍ୱଜାତିରେ ହେଉ ବା ଅନ୍ୟ ଜାତିରେ ହେଉ
ସ୍ୱଧର୍ମରେ ହେଉ ବା ଅନ୍ୟ ଧର୍ମରେ ହେଉ କିଛି ଯାଏ ଆସେନା
ପୃଥିବୀରେ ପ୍ରତିଷ୍ଠିତ ହେଉ ମୁକ୍ତ ପ୍ରେମ ସଂପର୍କର ନମୂନା ।
ବିରୋଧାଭାଷର ଦୁନିଆରେ ବିରୋଧୀମାନଂକୁ ଦିଆଯାଉ ଶିକ୍ଷା
ପ୍ରେମ ଧର୍ମର ଦୀକ୍ଷା ।
ସ୍ୱାଧୀନତାକୁ ବିରୋଧ କରୁଥିବା ଲୋକମାନେ ହୁଅଂତୁ ସ୍ୱାଧୀନ
ପୃଥିବୀ ପ୍ରେମହୀନ ନହେଉ କଦାଚନ ।
ମିଥ୍ୟାଚାର ବିରୁଦ୍ଧରେ ପ୍ରତିବାଦରେ ଅଛି ରକ୍ତ, ଅଛି କରୁଣା
ମୁକ୍ତ ପ୍ରେମ ସଂପର୍କକୁ
ବିରୋଧ କରୁଥିବା ଲୋକଂକୁ କରନାହିଁ ଘୃଣା
ପ୍ରେମିକ ପ୍ରେମିକାଂକୁ ମିଳୁ ପ୍ରେମ କରିବାର ଅଧିକାର
ବିରୋଧୀମାନଂକୁ ମିଳୁ ବିରୋଧ ଜାହିର କରିବାର ସ୍ୱର
ବିନା ଦଂଡ଼ା ବାଡ଼ିରେ ପ୍ରତିଷ୍ଠିତ ହେଉ ଗଣତଂତ୍ର
ଦଂଡ଼ା ବାଡ଼ି ମାଧ୍ୟମରେ ନିଜର ମତକୁ ଲଦି ଦିଆ ନଯାଉ
ଇତିହାସର ଚକାକୁ ପଛକୁ ଘୂରାଉଥିବା ରାଜନୀତିର ସ୍ୱାର୍ଥରେ
ଇତିହାସ ବିକୃତ ନ ହେଉ ।
ପ୍ରେମର କୌଣସି ଜାତି ନାହିଁ ପ୍ରେମର କୌଣସି ଧର୍ମ ନାହିଁ
ପ୍ରେମମୟ ଜଗତରେ ପ୍ରେମର ଜୟ ହେଉ ।
●●

Digitized by PPRACHIN, SOA

ମୁହଁଢାଙ୍କା

ନାରୀମାନେ ମୁଂହ ଢାଂକିବାର ପରଂପରାତ
ନଥିଲା ଏ ଦେଶରେ
ନିର୍ଭୟାର ହତ୍ୟା ପରେ
ନାରୀର ସୌଂଦର୍ଯ୍ୟ ଲୁଚିଗଲା
ମୁଂହଢଂକା ଭିତରେ ।
ଏବେ ପୁରୁଷମାନେ ବି ମୁଂହ ଢାଂକିବେ
ଧର୍ଷଣ ନୁହଁ ପ୍ରଦୂଷଣ ଭୟରେ;
ଆଗରୁ ବୁର୍ଖା ପିଂଧୁଥିଲେ ମୁସଲିମ୍ ନାରୀ
ଏବେ ସବୁଧର୍ମର ନାରୀ ବୁର୍ଖାଧାରୀ ।
ପୁରୁଷ, ପୁରୋହିତ ଓ ପିତାମାନଂକ କବଳରୁ
ରକ୍ଷା ପାଇବାର ସର୍ବଶ୍ରେଷ୍ଠ ଅଂଗବସ୍ତ୍ର
ବୁର୍ଖା ନାରୀ ପାଇଁ ଆତ୍ମରକ୍ଷାର ଅସ୍ତ୍ର ।
ମୁଂହରେ କପଡ଼ା ଗୁଡ଼ାଇ କା' ଗାଡ଼ି ପଛରେ
ବସିଗଲେ, କିଏ ବୋଲି କେହି
ଜାଣିବାର ନାହିଁ

Digitized by PPRACHIN, SOA

'ସୁଂଦରୀ କି ଅସୁଂଦରୀ - କାଳୀ କି ଗୋରୀ'/କାହା ଝିଅ କାହା ଭଉଣୀ
କିଏ ବା ଜାଣିବ ?
ପରିଚିତ ଲୋକଂକ ପାଖରୁ ଖସିଯାଇ ହେବ
ଧର୍ଷକାମୀ ପୁରୁଷ ଆଖିରେ
କଳାକନା ବୁଲାଯାଇପାରିବ ।
ବିଚିତ୍ର ଏ ଦେଶ ବିଚିତ୍ର ଭାରତବର୍ଷ
ଦାରିଦ୍ର୍ୟ, ଦୁର୍ନୀତି, କୁସଂସ୍କାର, ଅଂଧବିଶ୍ୱାସ,
ସବୁକିଛିରେ ଭରପୁର
ବିଶାଳ ଗଣତଂତ୍ରର ବିବିଧ ବୈଚିତ୍ର୍ୟ ।
ମୁସ୍‌ଲିମ୍ ମହିଳା ବୁର୍ଖା ପିଂଧାକୁ
ଅତୀତରେ କଟାକ୍ଷ କରୁଥିଲେ କେହି କେହି
ଏବେ ନିଜେ ନିଜ ମୁଂହରେ ବୁର୍ଖା ଗୁଡ଼େଇ
ଆଜିର ନାରୀ ମିଟିମିଟି ଆଖିରେ ଅନେଇ/ବୋକା ବନାଉଛି
ପୁରୁଷ ସମାଜକୁ/ପରଦା ପଛପଟୁ
କରୁଛି ବିଦ୍ରୂପ; କହୁଛି ହାୟରେ ପୁରୁଷ ?
ମୁଂହଢ଼ଂକା କ'ଣ ସତରେ ସମାଧାନ
ମୁହଁ ଢଂକା ନାରୀ ପାଇଁ ଅପମାନ
ମୁଂହ ଢାଂକିବାର ଅପମାନର ପ୍ରତିଶୋଧ କେବେ ନେବ ନାରୀ
ପୁରୁଷ କେବେ ହେବ ନାରୀ ମୁକ୍ତିର ପତାକାଧାରୀ
ନାରୀ କେବେ ହେବ ସମତାରେ ବିଶ୍ୱାସ କରୁଥିବା ସାଥୀ
ପୁରୁଷ କେବେ ହେବ ପୁରୁଷତାଂତ୍ରୀକ ସମାଜ ବିରୋଧୀ ଅଭିଯାନରେ
ନାରୀର ସହଯାତ୍ରୀ ? ?

●●

Digitized by PPRACHIN, SOA

ପୁରୁଷତଂତ୍ର

ଉଭୟ ନାରୀ ଓ ପୁରୁଷ ଭିତରେ
ପୁରୁଷ ସୁଲଭ ବ୍ୟବହାର ପାଇଁ
ପୁରୁଷତଂତ୍ର ଦାୟୀ
ପୁରୁଷତାଂତ୍ରିକ ଦୁନିଆରେ
ନାରୀତଂତ୍ର ବୋଲି କିଛି ନାହିଁ ।
ନାରୀ କେବଳ ନାରୀ
ପୁରୁଷତାଂତ୍ରିକ ଦୁନିଆରେ
ସେ ହେବାକୁ ବାଧ
ନାରୀ ସୁଲଭ ଗୁଣର ଅଧିକାରୀ ।
ନାରୀ ସୁଲଭ ଗୁଣ
ପୁରୁଷ ପ୍ରେରିତ
ପୁରୁଷର ଅଧୀନସ୍ଥ ହେବାର ଭୂତ
ନାରୀର ମୁଂଡ଼ରେ ହୁଏ ସବାର
ପୁରୁଷ ବାର ବାର
ନାରୀକୁ ଚେତାଇ ଦିଏ

Digitized by PPRACHIN, SOA

ତା'ର କର୍ତ୍ତବ୍ୟ
ବତାଇ ଦିଏ
ସମାଜ ପ୍ରଦତ୍ତ ନୀତି, ନିୟମ, କାନୁନ୍
ଯାହା ତା' ପାଇଁ ଗ୍ରହଣୀୟ ନୁହଁ;
କିଂତୁ ପୁରୁଷତାଂତ୍ରିକ ବ୍ୟବସ୍ଥାରେ
ନାରୀ ତାକୁ ଗ୍ରହଣ କରିବାକୁ ବାଧ୍ୟ ହୁଏ
ବଂଚିବାର ଇଚ୍ଛା ଯଦି ଥାଏ
ପୁରୁଷତାଂତ୍ରିକ ଦୁନିଆରେ/ନାରୀକୁ ସମର୍ପିତ
ହେବାକୁ ପଡ଼େ ପୁରୁଷଠାରେ/
ତା'ପରେ ହୋଇଯାଏ ତା' ସଂପର୍କରେ
ଖଂଜା ବିଶେଷ୍ୟ ବିଶେଷଣର
ନାନାବିଧ ତତ୍ତ୍ୱ
ନାରୀ ପାଇଁ ପତିବ୍ରତା ବ୍ରତ
ପୁରୁଷ ପାଇଁ ବୀରଭୋଗ୍ୟା ବସୁଧଂରା/
ନାରୀର ଭର୍ତ୍ତା ରକ୍ଷାକର୍ତ୍ତା ଇତ୍ୟାଦି, ଇତ୍ୟାଦି...
ପୁରୁଷତଂତ୍ରରେ ପୁରୁଷ ପୁରୁଷ ପୁଂଗବ
ନାରୀ ବେସାହାରା ଆହା ବିଚ୍ଛରୀ ।
ପରିବାରରୁ ଜନ୍ମ ନେଇ ବୈଷମ୍ୟ
ସମାଜକୁ ବ୍ୟାପୀଯାଏ
ନାରୀପାଇଁ ସୃଷ୍ଟିହୁଏ/ତିନିଗାରର ଦୁନିଆ
ତିନୋଟି ଗାର ଡେଇଁବା ଅର୍ଥ
ସ୍ୱାଧୀନ ହେବା ଓ ବିପଦକୁ ବରଣ କରିନେବା ।
ତିନୋଟି ଗାର ନ ଡେଇଁବା ଅର୍ଥ
ନିଜର ସ୍ୱାଧୀନ ଇଚ୍ଛାକୁ ଅବଦମିତ କରିବା
ପୁରୁଷତାଂତ୍ରିକ ନିୟମକୁ ମାନିନେବା

Digitized by PPRACHIN, SOA

ପୁରୁଷର ଅଧିପତ୍ୟକୁ ସ୍ୱୀକାର କରିବା ।
ନିରାପତ୍ତା ଓ ସ୍ୱାଧୀନତାର
ଦୋଛକିରେ ଛିଡ଼ା ହୁଏ ନାରୀ
ବେଳେବେଳେ ନିଜର ଇଚ୍ଛାକୁ ଦମନକରି
ପ୍ରଶଂସିତ ହେବାକୁ ପଡ଼ିଥାଏ ତାକୁ
ତିନିଗାର ଡେଇଁଲେ
ନିଂଦିତ ହୁଏ ସେ ଯେହେତୁ ।
ଉଭୟ ନାରୀ ଓ ପୁରୁଷ ଭିତରେ
ପୁରୁଷ ସୁଲଭ ବ୍ୟବହାର ପାଇଁ ପୁରୁଷତଂତ୍ର ଦାୟୀ
ପୁରୁଷତାଂତ୍ରିକ ଦୁନିଆରେ
ନାରୀତଂତ୍ର ବୋଲି କିଛି ନାହିଁ ।
କାହିଁକି ନାହିଁ କେହି କେହି ପ୍ରଶ୍ନ କରେନା
ନାରୀ ନାରୀ ହୋଇ ରହେ
ପୁରୁଷ ପୁରୁଷ ହୋଇ କରି ଥାଏ ।
●●

Digitized by PPRACHIN, SOA

୪୯୮ ଏ

ପିଂଗଳ କୋର୍ଟର ଏକଦଫା କ'ଣ
ନାରୀକୁ ମୁକ୍ତି ଦେଇପାରେ ?
୪୯୮ ଏ ଦଫାରେ
ପୁରୁଷ ଜେଲ୍ ଯାଇପାରେ, ହୁଏତ ।
ପୁରୁଷ ଜେଲ୍ ଯିବାରେ ନାରୀ କ'ଣ
ମୁକ୍ତି ପାଇଯିବ
ପୁରୁଷ ସାଥୀରେ ପୁରୁଷର ମା'
ଓ ଭଉଣୀ ବି ତ ଜେଲ୍ ଯିବ ।
ଆଇନର ଜାଲରେ ଛଂଦି ହୋଇ ଉଭୟ
ନାରୀ ଓ ପୁରୁଷର କ'ଣ ବା ହେବ ଲାଭ ?
ଏଥିରୁ ନାରୀ ଓ ପୁରୁଷ ଉଭୟ ପାଇବେ ପାନେ
୪୯୮ଏ ମାନେ
ପୁରୁଷତାଂତ୍ରିକ ରାଷ୍ଟ୍ରର ନାରୀ ଓ ପୁରୁଷ
ଉଭୟଂକ ଉପରେ ନ୍ୟାୟିକ ଦାଦାଗିରି
୪୯୮ଏ ନାରୀକୁ ଦିଏନା ଉକିରି

Digitized by PPRACHIN, SOA

ଭରଣପୋଷଣ ଯୋଗାଇ ଦେବା ରାଷ୍ଟ୍ରର ଦାୟିତ୍ୱ
ରାଷ୍ଟ୍ର ତା'ର ଦାୟିତ୍ୱ ପାଳନ ନକରି
ଜନଗଣଂକୁ ଡରାଇବା ପାଇଁ ପ୍ରେରଣ କରିଥାଏ
୪୯୮ଏର ଭୂତ
ଦେଶର ନରନାରୀମାନଂକର
କୌଣସି ଦାୟିତ୍ୱ ନ ନେଇ
୪୯୮ଏ ଦଫାକୁ ପ୍ରୟୋଗ କରି ରାଷ୍ଟ୍ର ଦିଏ ବଢ଼ାଇ
ପୁରୁଷ ଓ ନାରୀ ଉଭୟଂକ ମଧ୍ୟରେ ଝଗଡ଼ା
ଚଲେ ୪୯୮ଏର ଆଖଡ଼ା
ପୁରୁଷ ଓ ନାରୀ କାହାର ଦାୟିତ୍ୱ ନେବାକୁ
ଚହେଁନା ରାଷ୍ଟ୍ର
ରାଷ୍ଟ୍ର ପୁଂଜିପତିର ଅଧିକାର କ୍ଷେତ୍ର
ରାଜନେତାମାନେ ରାଷ୍ଟ୍ରର
ମାତବର୍ ସୈନିକ ।
ରାଷ୍ଟ୍ର ଓ ତା'ର ଅଫିସ ଦପ୍ତରମାନଂକରେ
ତିଆରି ହୋଇଛି ସୀମା
ତା' ଭିତରକୁ ୯୯ଭାଗ ପୁରୁଷ ଓ ନାରୀଂକ ପ୍ରବେଶ ମନା
୪୯୮ଏ ଏକ ବାହାନା
ପଇସାଖିଆ ଓକିଲ ଓ ଦୁର୍ନିତିଗ୍ରସ୍ତ ପୋଲିସ
୪୯୮ଏରୁ ହୁଅଂତି ମାଲାମାଲ
ଆଇନର ମାଡ଼ ଖାଇ
ଜନଗଣଂକର ପିଠ ହୁଏ ଲାଲ
ଏମାନଂକ ଭିତରୁ ଅଧିକାଂଶ ମିଥ୍ୟାଚାରୀ
ଜନଗଣଙ୍କ ବିରୁଦ୍ଧରେ ଏମାନେ
୪୯୮ଏ ଦଫାର ଷଡ଼ଯଂତ୍ରକାରୀ

Digitized by PPRACHIN, SOA

ବଡ଼ ବିଚିତ୍ର ଏ ରାଷ୍ଟ୍ର ବ୍ୟବସ୍ଥା
ବଡ଼ ବିଚିତ୍ର ଏ ରାଷ୍ଟ୍ରର ନାରୀମୁକ୍ତି ଦିଶା ।
ଉତ୍ପୀଡ଼ିତା ପରିତ୍ୟକ୍ତା ନାରୀମାନଂକୁ
ରୋଜଗାର ନ ଯୋଗାଇ ପୁରୁଷକୁ
ଦଂଡ଼ ଦେବାରେ ଧୂରଂଦର ଏ ଗୋସାଇଁ
ରାଷ୍ଟ୍ରର ରାଜସତ୍ତାରେ
ନାରୀମୁକ୍ତିର ଟିକେ ବି ଜାଗା ନାହିଁ ।
ସବୁ ମିଛକୁ ଆଖିଠାର
ରାଷ୍ଟ୍ର ଓ ସରକାର
ଉଭୟ ନାରୀ ଓ ପୁରୁଷର ଶତ୍ରୁ ।
ଆଇନ୍ ସହାୟତାର ଭାଲୁ ଧରାଇ ଏମାନେ
ପୁରୁଷ ଓ ନାରୀ ମଧ୍ୟରେ ସୃଷ୍ଟି କରଂତି ବିଭାଜନ
ଦେଶ ଭିତରେ ଚାଲେ ଆଇନ୍‌ର ଶାସନ
ଆଇନ୍ ମାଧ୍ୟମରେ ନାରୀ
ପାଇ ପାରେନା ମୁକ୍ତି
ନାରୀର ବଂଧନ, ଶୋଷଣ ଓ ନିପୀଡ଼ନ ପଛରେ
ରହିଛଂତି ସାମଂତବାଦୀ ଓ ପୁଂଜିବାଦୀ ଶକ୍ତି
ପୁରୁଷତଂତ୍ର, ପୁଂଜିତଂତ୍ର ଶେଷ ନହେବା ଯାଏ
ନାରୀ ବାରବାର ନିର୍ଯ୍ୟାତିତ ହେଉଥିବ
ଆଇନ୍ ମାଧ୍ୟମରେ ମୁକ୍ତି ନାରୀକୁ ଓଲଟ ମୁକ୍ତି ରାସ୍ତାରେ
ପରିଚାଳିତ କରିବ
ଏହା ଭିତରେ ନାରୀର ଅସଲ ଶତ୍ରୁଟି ନେବ ଲାଭ ।
●●

Digitized by PPRACHIN, SOA

ପ୍ରଥମ ସଂଗ୍ରାମ ପ୍ରଥମ ସୋପାନ ନାରୀ ମୁକ୍ତିର

ପରିବାର ଏକ ବଂଶବୃକ୍ଷ
ନାରୀ ! ବଂଶବିସ୍ତାର-କାରିଣୀ କାୟା
ପୁରୁଷ ପ୍ରାପ୍ତିର ମାୟା
ସଂତାନ-କାମୀତା
ନାରୀ ମନର ଦୁର୍ବଳତା ।
ନିଛକ ଡିଂବାଣୁ
ଅବଳା ଦୁର୍ବଳା
'ଆହା ବିଚାରା !'
ପୁରୁଷର କଷଟିରେ ।
ପ୍ରଗତିର ରଥଚକ ଛିନ୍ନଭିନ୍ନ ହୁଏ
ସୂର୍ଯ୍ୟକୁ ଢାଂକି ଦିଏ ମେଘର ପଟଳି
ସ୍ୱପ୍ନକୁ ଢାଂକିଦିଏ ରଢ଼ୀ ।
ନାରୀର ସ୍ଥିତି
ନିରବ ଚିରକାଳ
ନିରବ କ୍ରାଂତି ।

Digitized by PPRACHIN, SOA

ଦ୍ରୋହ ଦୁନିଆରେ
ପ୍ରତିବାଦର ପ୍ରଥମ ପାହାଚରେ
ନାରୀ ! ଫିଂଗି ଦେଉ ପାଦରୁ ଘୁଂଗୁର
କାନରୁ କାନଫୁଲ,
ନାକରୁ ଗୁଣା
ବେକରୁ ସୁନାହାର
ପୋଡିଦେଉ ପୋଥି ମନୁସ୍ମୃତିର
ଦୋହା ତୁଳସୀର ।
ପୁରୁଷ ହେଉ ପରାଜିତ
ଅଧିନସ୍ଥ କରିବାର ଇଚ୍ଛାରୁ ବିରତ
ବିଜେତା ହେଉ ବିଜିତ ।
ଲିଂଗଭେଦର ଦୁନିଆରେ
ନାରୀ ପାଇଁ ବଂଧନ ବିମୁକ୍ତ ଜୀବନ
ମୁକ୍ତି ମଳୟର ପ୍ରଥମ ଶିହରଣ;
ନିଚ୍ଛକ ଜରାୟୁ ବୋଲି ସଂବୋଧିତା ଯିଏ
ତା'ପାଇଁ ଛୋଟ ବଡ ଭେଦର
ହେଉ ଅବସାନ
ତାହା ହିଁ ହେବ ପୁରୁଷ-ତାଂତ୍ରିକ ଦୁନିଆରେ
ନାରୀ ମୁକ୍ତିର ପ୍ରଥମ ସୋପାନ
ପ୍ରଥମ ସଂଗ୍ରାମ
ମାନବ ମୁକ୍ତିର ।
●●

Digitized by PPRACHIN, SOA

ବିବାହ

ବିବାହ ଏକ ବଂଧନ; ବ୍ୟକ୍ତିଗତ ସଂପତ୍ତି
ଭିତ୍ତିକ ଅନୁଷ୍ଠାନ- ନାରୀ ପୁରୁଷ ସଂପର୍କର
ପୁରୁଷ ପାଖରେ ନାରୀର ନିସର୍ତ୍ତ ଆତ୍ମସମର୍ପଣ
ବୈବାହିକ ସଂପର୍କ ନିୟମ ।
ସଂତାନ ପାଇଁ ଆବଶ୍ୟକ ହୁଏ ପରିବାର
ସଂପତ୍ତି ପାଇଁ ସଂତାନ
ବୈବାହିକ ସଂପର୍କ ମଧ୍ୟରେ ନାରୀର ସ୍ଥାନ
ପୁରୁଷ ଅଧୀନ ।
ସ୍ୱାମୀ ସ୍ତ୍ରୀର କଳି ଝଗଡ଼ା
ପାରିବାରିକ ଜୀବନରେ ଟଣା ଓଟରା
ବ୍ୟକ୍ତି ସ୍ୱାର୍ଥ ବିଜଡ଼ିତ ସଂପର୍କର ନିତିଦିନିଆ ଅଘଟଣ
ବୈବାହିକ ଜୀବନରେ ନାରୀ ପୁରୁଷ ସଂପର୍କକୁ
ନିୟନ୍ତ୍ରଣ କରେନା ସ୍ନେହ ପ୍ରେମ;
ସ୍ନେହ ପ୍ରେମ ଭଲ ପାଇବାର ଅଭାବ
ସ୍ୱାମୀ ସ୍ତ୍ରୀ ସଂପର୍କର ରୋଗ;

Digitized by PPRACHIN, SOA

ବୈବାହିକ ସଂପର୍କ ମଧ୍ୟରେ ନଥାଏ
ଜଣେ ଅନ୍ୟଜଣକୁ ସ୍ୱାଧୀନ କରିବାର ଉଦ୍ୟମ
ବିବାହ ଓଲଟ ବିଶ୍ୱର ଓଲଟ ଅନୁଷ୍ଠାନ
ନାରୀ ପୁରୁଷ ସଂପର୍କର ଓଲଟ ସଂସ୍କରଣ ।
ବୈବାହିକ ସଂପର୍କ ମିତ୍ର ସଂପର୍କରେ
ରୂପାଂତରିତ ହେଉ
ବଂଧନହୀନ ଭାବନାର
ନାରୀ ପୁରୁଷକୁ ଭଲପାଉ
ପୁରୁଷ ନାରୀକୁ ଭଲପାଉ;
ପ୍ରକୃତିଦତ୍ତ ମାନବୀୟ ଗୁଣାବଳୀଯୁକ୍ତ ହୋଇ
ବିବାହ ବିବାହୋତ୍ତର ହେଉ ।
●●

Digitized by PPRACHIN, SOA

ଆଜିର ବଳିଦତ୍ତ ଓ
ସରୋଜିନୀମାନଙ୍କୁ ନେଇ

"ବଳିଦତ୍ତ ଆଗେଇ ଚାଲିଛି
ଘୁଷୁରିଆ ପଲ୍ଲୀର କଡ଼େ କଡ଼େ
ତା'ର ଘୁଷୁରୀ ଗୁହ ଦରକାର
ନିଜ ପାଇଁ ନୁହଁ ସାହେବର ବଙ୍ଗଳା ପାଇଁ ।"
ସାହେବର ବଙ୍ଗଳାରେ ଗୋଲାପ ଫୁଟିଲେ
ବଳିଦତ୍ତର ଉନ୍ନତି;
କେବଳ ଘୁଷୁରୀ ଗୁହ ନୁହଁ; ଉନ୍ନତି ପାଇଁ
ଉପରିସ୍ଥ ଅଫିସର ଏଂକଟ ରାଓଙ୍କ କୋଳରେ
ସ୍ତ୍ରୀ ସରୋଜିନୀକୁ ଦିଏ ଏ ବଳିଦତ୍ତ ସମର୍ପି;
ସମର୍ପି ଦେବାରେ ଆନନ୍ଦ ଓ ଅଗ୍ରଗତି
ଏପରି ଏକ ଅପ୍ରିୟ ସତ୍ୟକୁ ବଳିଦତ୍ତ ବୁଝିଛି ।
ଗୋଟାଏ ସରୋଜିନୀକୁ ଦେଇଦେଲେ
ଆଉ ଏକ ସରୋଜିନୀ ପାଇହେବ
ବଳିଦତ୍ତ ଭାଷାରେ ଇଏ ଦିଆନିଆ ଭାବ;
ସରୋଜିନୀମାନେ ଦ୍ରବ୍ୟ
ଦ୍ରବ୍ୟର ଦିଆ ଦେଇରେ ତ ଲାଭ
ଦ୍ରବ୍ୟକୁ ଉପଭୋଗ କରିବାରେ ତ ଆନନ୍ଦ ।

Digitized by PPRACHIN, SOA

ଅତୀତରେ ବଳିଦତ୍ତମାନେ ବୋକା ଥିଲେ
ସରୋଜିନୀମାନଙ୍କୁ ହରାଇବାରେ କଷ୍ଟ ପାଉଥିଲେ;
ଏବର ବଳିଦତ୍ତମାନେ ନିଜର ସରୋଜିନୀକୁ ହରାଇ
ଅନ୍ୟର ସରୋଜିନୀକୁ ଆପଣାଇ ନେବାରେ ଧୂରନ୍ଧର
ବଳିଦତ୍ତମାନେ ହିଁ କରିଥାନ୍ତି ସରୋଜିନୀମାନଙ୍କର
ମୁକ୍ତ ବ୍ୟବହାର ।
ଆଜିର ଯୁଗରେ ସରୋଜିନୀମାନେ ବି ମୁକ୍ତ ବ୍ୟବହାରର
ବିରୋଧୀ ନୁହନ୍ତି
ଅର୍ଥ, ଯଶ, କ୍ଷମତା ପାଇଁ ସେମାନେ
ଏକାଧିକ ଏଂକଟ ରାଓଙ୍କ ସହ ଆନଂଦ ଖେଳରେ ମାତଂତି
ସରୋଜିନୀମାନେ ଉନ୍ନତିର ସୋପାନ ଚଢ଼ିବା ପାଇଁ
ପାଲଟଂତି ପଣ୍ୟ
ଏମାନଂକ ପାଇଁ ସମାଜ ପାଲଟେ ମୂଲ୍ୟବୋଧହୀନ ।
ଅର୍ଥ ଓ କ୍ଷମତା ପାଇଁ ନାରୀର ଦେହ ବିନିମୟ
ନୁହଁ ନାରୀ ମୁକ୍ତିର ସୋପାନ;
ସ୍ୱାଧୀନତା ଓ ସ୍ୱାତନ୍ତ୍ର ପାଇଁ ଲଢ଼ାଇରେ
ନାରୀ ପୁରୁଷ ଉଭୟ ମିଳିତ ହେବା ହିଁ
ନାରୀମୁକ୍ତିର ନିୟମ;
ଏକଥା କେଉଁଦିନ ବୁଝିବେ ନାରୀ ଓ ପୁରୁଷ
କେଉଁଦିନ ପୃଥିବୀରେ ପ୍ରତିଷ୍ଠିତ ହେବ
ମୁକ୍ତ ନାରୀ ପୁରୁଷ ସଂପର୍କ ?*
●●

* କବିତାଟି ଗୋପୀନାଥ ମହାଂତିଙ୍କ 'ଦାନାପାଣି' ଉପନ୍ୟାସର ଆଧାରରେ ରଚିତ ।

Digitized by PPRACHIN, SOA

ଲେଖକଙ୍କ ଅନ୍ୟ ସାହିତ୍ୟକୃତି :

କବିତା ପୁସ୍ତକ :

ଦୂର୍ବାର ଶପଥ

ମୃତ ଈଶ୍ୱର

ଲୋହିତ ଧୂସର

ଧୂସର ସବୁଜ

ଗଦ୍ୟ ପୁସ୍ତକ :

ଆଫଗାନିସ୍ଥାନ ସମସ୍ୟା ସଙ୍କଟ

ଆନ୍ନା ହାଜାରେ

ମହାପ୍ରଳୟର ପଥେ ପୃଥିବୀ

କଳାଟଙ୍କା ରୂପରଙ୍ଗ

ଅନେଶତ ଭାରତ ସ୍ୱର

ଅନୁବାଦ :

ସମାଜବାଦ କାହିଁକି

ମୁଁ କାହିଁକି ନାସ୍ତିକ

ପ୍ରକାଶ ଅପେକ୍ଷାରେ :

ଈଶ୍ୱର ହେବାକୁ ଭଲେ

(କବିତା ସଂକଳନ)

Digitized by PPRACHIN, SOA

କବି କୁଳମଣି ଜେନାଙ୍କ କବିତା ସହ ପରିଚିତ ହେବା ଅର୍ଥ ନୂତନ ଦିଶାରେ ନିଜକୁ ପରିଉଜିତ କରିବା; ନୂଆ ପ୍ରତ୍ୟୟଟିଏ ଗଢ଼ୁରାଇବା । ଏକଭାଗ ବିରୁଦ୍ଧରେ ଅନେକତ ଭାଗ(Multitude)ର ସଂଗ୍ରାମକୁ ତୋଳି ଧରୁଥିବା ଏହି କବିଙ୍କ କବିତା ମାନବ ମୁକ୍ତିର ନୂତନ ଦିଗକୁ ଉନ୍ମୋଚିତ କରିଥାଏ ।

ଦେହର ସ୍ୱାଧୀନତାଠାରୁ ଆରମ୍ଭ କରି ଶ୍ରମ ପ୍ରକ୍ରିୟାରେ ମଣିଷର ମୁକ୍ତି କାମନା କରୁଥିବା ତାଙ୍କ କବିତା ଦଳିତ, ସର୍ବହରା, ନାରୀ, ଟ୍ରାନ୍ସଜେଣ୍ଡର୍ ସମସ୍ତଙ୍କ ପାଇଁ ଆଶାର ଆଲୋକ ।

ଜ୍ଞାନ ଜଗତରେ ସଫଳ ବିଚରଣ କରୁଥିବା ଜଣେ ସାହିତ୍ୟ ସାଧକ ଭାବରେ ଉଭୟ ପ୍ରକୃତି ବିଜ୍ଞାନ ଓ ସମାଜ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଗଭୀର ପ୍ରବେଶ । ମାର୍କ୍ସବାଦ ଓ ଉତ୍ତରଆଧୁନିକତାବାଦର ସେ ଜଣେ ଆଗ୍ରହୀ ପାଠକ ଓ ମରମୀ ନିରୀକ୍ଷକ । ତାଙ୍କ ରଚିତ **'ନାରୀମୁକ୍ତି ଇସ୍ତାହାର'** କବିତାଗ୍ରନ୍ଥ ପିତୃକେନ୍ଦ୍ରିକ ବ୍ୟବସ୍ଥା ମଧ୍ୟରେ ନାରୀର ପୁଞ୍ଜି ଓ ପୁରୁଷ ଅଧିନସ୍ଥତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛି । କବିଙ୍କ ଦୃଷ୍ଟିରେ ନାରୀମୁକ୍ତି ସଂଗ୍ରାମରେ, ପୁଞ୍ଜି ଓ ପୁରୁଷତନ୍ତ୍ର ବିରୁଦ୍ଧରେ, ଉଭୟ ପୁରୁଷ ଓ ନାରୀର ସଫଳ ଭାଗୀଦାରି ମାଧ୍ୟମରେ ନାରୀମୁକ୍ତିକୁ ମାନବମୁକ୍ତିର ଦିଶାରେ ପରିଉଳିତ କରିଯାଇପାରିବ ।

'ନାରୀମୁକ୍ତି ଇସ୍ତାହାର' ଓଡ଼ିଆ ସାହିତ୍ୟରେ ଜଣେ ପୁରୁଷ କବିର ନାରୀମୁକ୍ତି ଚିନ୍ତାଭାବନାମୂଳକ ସଫଳ କବିତାଗ୍ରନ୍ଥ ।

ପ୍ରକାଶକ

ବୁକ୍ ମୁଭମେଣ୍ଟ

୨୮୫, କଟକ ରୋଡ଼, ଭୁବନେଶ୍ୱର-୬

ମୋ: ୮୦୯୩୯୩୭୭୪୮

Digitized by PPRACHIN, SOA